### ଅଙ୍ଗନବାଡ଼ି କର୍ମୀଙ୍କ ବିଶାଳ ଶୋଭାଯାତ୍ରା

# ରାଜ୍ୟ ସରକାରଙ୍କ ବିରୋଧରେ 'ଯୁଦ୍ଧଂ ଦେହି' ଡକରା

ଛତ୍ରପୁର,୭ ।୩(ସମିସ)

ହାତରେ ଏଆଇଟିୟୁସି ପତାକା ଧରି ହଜାର ହଜାର ଅଙ୍ଗନବାଡ଼ି କର୍ମୀ ହକ୍ ପାଇଁ ଜିଲ୍ଲା ସଦର ମହକୁମା ଛତ୍ରପୁରଠାରେ ସେମାନଙ୍କ ଦାବି ପୂରଣ କରିବାକୁ ରଣହୁଙ୍କାର ଦେଇଛନ୍ତି। ଏହାସହ କେନ୍ଦ୍ରରେ ମୋଦି ଓ ରାଜ୍ୟରେ ମୋହନ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସ୍ଥାନୀୟ ଅପର ବସ୍‌ଷ୍ଟାଣ୍ଡଠାରୁ ଏଆଇଟିୟୁସି ଅନୁବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନବାଡି କର୍ମୀ ସଂଘର ହଜାର ହଜାର ସଦସ୍ୟା ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ଥାନୀୟ ଶିବକୁମାର ପଟ୍ଟନାୟକ ରିଡିଙ୍ଗ୍ ରୁମ୍‌ଠାରେ ପହଞ୍ଚିଥିଲେ। ସେଠାରେ ନିଖିଳ ଓଡିଶା ଅଙ୍ଗନବାଡ଼ି କର୍ମୀ ସଂଘର ଦୁଇ ଦିନିଆ ସପ୍ତମ ରାଜ୍ୟ ସମ୍ମିଳନୀ ଓ ରୌପ୍ୟ ଜୟନ୍ତୀ ସମାରୋହ ରାଜ୍ୟ ସଭାପତି ଅଶୋକ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହାକୁ ନିଖିଳ ଭାରତ ଅଙ୍ଗନବାଡ଼ି ୱାର୍କର୍ସ ଫେଡେରେସନର ସାଧାରଣ ସମ୍ପାଦିକା ମାଧୁରୀ କ୍ଷୀରସାଗର ଉଦ୍‌ଘାଟନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣା ନୀତି ବିରୋଧରେ ବର୍ଷିଥିଲେ।




ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ସଂଗ୍ରାମୀ ନେତା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଯୋଗ ଦେଇ ବିଜେପି ନେତୃତ୍ୱାଧୀନ ସରକାର ୧୨ ବର୍ଷ ଶାସନ ମଧ୍ୟରେ ଦରବୃଦ୍ଧି, ବେକାରୀ ବୃଦ୍ଧି ସହ ଦେଶର ଭାଇଚାରା ନଷ୍ଟ ହୋଇଛି। ସଂଘର କାର୍ଯ୍ୟକାରୀ ସଭାପତି ତଥା ଏଆଇଟିୟୁସି ସାଧାରଣ ସମ୍ପାଦକ ବିଜୟ କୁମାର ଜେନା ଓ ସିପିଆଇ ରାଜ୍ୟ ସମ୍ପାଦକ ଡ଼ଃ ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ କହିଥିଲେ ଯେ, ଭାଜପା ସରକାର ପୁଞ୍ଜିପତିଙ୍କ ସୁବିଧା ଓ ସ୍ୱାର୍ଥ ପାଇଁ କାମ କରୁଛି। ଏଆଇଟିୟୁସି ଜିଲ୍ଲା ନେତା ନୀଳକଣ୍ଠ ଦାଶ, ଉତ୍କଳ ମହିଳା ସମିତି ର ଉପସଭାନେତ୍ରୀ ଏନ. ଭାନୁମତି ରେଡ୍ଡୀ, ନିଖିଳ ଓଡିଶା ଅଙ୍ଗନବାଡି କର୍ମୀ ସଂଘର ରାଜ୍ୟ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ସହସମ୍ପାଦିକା ପ୍ରତିଭା ପାଲ, ଗଞ୍ଜାମ ଜିଲ୍ଲା ସମ୍ପାଦିକା ନର୍ମଦା ନାହାକ, ମାଣିକେଶ୍ୱରୀ ପଟ୍ଟନାୟକ, ବାସନ୍ତୀ ସାହୁ, ପ୍ରତିମା ଦାସ, ଗାୟତ୍ରୀ ପଣ୍ଡା, ଲକ୍ଷ୍ମୀ ପ୍ରଧାନ, ସିଏଚ ଜନାର୍ଦ୍ଦନ ରେଡ୍ଡୀ, ଡ଼ି. ଆଦିନାରାୟଣ ରେଡ୍ଡୀଙ୍କ ସମେତ ସଂଘର ହଜାର ହଜାର ସଦସ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ କର୍ମୀଙ୍କ ମାସିକ ଭତ୍ତା ବୃଦ୍ଧି, ସରକାରୀ କର୍ମଚାରୀ ମାନ୍ୟତା, କେନ୍ଦ୍ର ସରକାରଙ୍କ ସୁପାରିସ ଯଥା ଏଏନ୍‌ଏମ୍ ଓ ଶିକ୍ଷକ ପଦବୀକୁ ପଦୋନ୍ନତି ପାଇଁ କୋଟା ଧାର୍ଯ୍ୟ, ଶତ ପ୍ରତିଶତ ସୁପରଭାଇଜର ପ୍ରମୋଶନ, ପେନ୍‌ସନ୍ ବ୍ୟବସ୍ଥା ଏବଂ ଏସ୍‌ଏନ୍‌ପିର ଦର ସଂଶୋଧନ, ଗତ ନିର୍ବାଚନ ସମୟରେ ଘୋଷଣା କରାଯାଇଥିବା ଭତ୍ତା ବୃଦ୍ଧି, ଫେସ୍ କ୍ୟାପ୍‌ଚରିଂ ନାମରେ ଦରମା ବନ୍ଦ କରିବା ବିରୋଧରେ, ଜାତୀୟ ଶିକ୍ଷାନୀତି ୨୦୨୦ ନାମରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ଘରୋଇକରଣ କରିବା ପାଇଁ ଉଦ୍ୟମକୁ ପ୍ରତିହତ କରିବାକୁ ନିମନ୍ତେ ଦାବି କରାଯାଇଥିଲା।

---

## କତାରରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଖଲ୍ଲିକୋଟ,୭ ।୩(ସମିସ): ଥମିବାର ନାଁ ଧରୁନି ଦାଦନ ଯନ୍ତ୍ରଣା। ଖଲ୍ଲିକୋଟ ଅଞ୍ଚଳର ପୁଣି ଜଣେ ଦାଦନଙ୍କ କତାର ଦୋହାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ନାଇକାଣିପଲ୍ଲୀ ଗ୍ରାମର ଜୟ ଖୁଣ୍ଟିଆଙ୍କ ପୁଅ କୁନା ଖୁଣ୍ଟିଆ (୨୬)। ପରିବାର ପ୍ରତିପୋଷଣ ପାଇଁ ଗତ ୪ ମାସ ତଳେ ସେ କତାର ଦୋହା ସହରକୁ କାମ କରିବାକୁ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଟଙ୍କା ପଠାଇଲେ ଘର ଚଳୁଥିଲା। ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ବାପା ଜୟ ଖୁଣ୍ଟିଆ ଜଣେ ଦିନ ମଜୁରିଆ। କୁନା ଗତକାଲି କମ୍ପାନୀରୁ କାମ ସାରି କ୍ୟାମ୍ପକୁ ଫେରି ଖାଇ ସାରି ଶୋଇଥିଲେ। ରାତିରେ ହୃଦ୍‌ଘାତ ହେବାରୁ ସାଥୀ ଶ୍ରମିକ ନିକଟସ୍ଥ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ନାଇକାଣିପଲ୍ଲୀ ସରପଞ୍ଚ ମିଥୁନ ଖୁଣ୍ଟିଆ ସୂଚନା ଦେଇଛନ୍ତି। ଆଜି ସକାଳୁ ଏହି ଦୁଃଖଦ ଖବର ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କତାର ଦୋହାରୁ କୁନାଙ୍କ ମରଶରୀର ଗାଁକୁ ଆଣିବାକୁ ତାଙ୍କ ବାପା, ମାଆ ଓ ଦୁଇ ଭଉଣୀ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି।

## ମାଙ୍କଡ଼ କାମୁଡ଼ାରେ ୮ ଆହତ

ଗଞ୍ଜାମ,୭ ।୩(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ବିରିପୁର ଗ୍ରାମରେ ଏକ ମାଙ୍କଡ଼ ଆତଙ୍କ ସୃଷ୍ଟି କରୁଛି। କିଛି ଦିନ ମଧ୍ୟରେ ଗ୍ରାମର ୮ ଜଣକୁ କାମୁଡି ଦେଇଥିବା ଅଭିଯୋଗ ହୋଇଛି। ଯାହାକୁନେଇ ଗ୍ରାମବାସୀ ବାଡ଼ି ଧରି ବିଭିନ୍ନ ଅଞ୍ଚଳକୁ ଯିବାଆସିବା କରୁଛନ୍ତି। ରାସ୍ତାରେ ଯାଉଥିବା ବେଳେ ଗଛରୁ ଓହ୍ଲାଇ ଦୁଇ ଗୋଡ଼କୁ ଭିଡ଼ି ଧରି କାମୁଡ଼ିବା ପରେ ପୁଣି ଗଛ ଉପରକୁ ଚଢ଼ି ଯାଉଛି। କମା ମୁଦୁଲି, ପଞ୍ଚୁ ମୁଦୁଲି, ପିଣ୍ଟୁ ମୁଦୁଲି, ହାଡୁ ବେହେରା, ଉମା ମୁଦୁଲି, ତରା ମୁଦୁଲି, ଦଣ୍ଡୁ ମୁଦୁଲି ଓ ବିପ୍ର ଚରଣ ବେହେରା ପ୍ରମୁଖ ମାଙ୍କଡ଼ କାମୁଡ଼ାରେ ଆହତ ହୋଇ ଛତ୍ରପୁର ମେଡିକାଲରୁ ଚିକିତ୍ସିତ ହୋଇ ଫେରିଛନ୍ତି। ଏନେଇ ଗ୍ରାମବାସୀ ଛତ୍ରପୁର ବନ ବିଭାଗକୁ ଖବର ଦେଇଥିଲେ ସୁଦ୍ଧା ଦୁଇଜଣ ବନ କର୍ମଚାରୀ ନାମକୁ ମାତ୍ର ଗ୍ରାମକୁ ଆସି ଫେରିଯାଇଥିବା ଅଭିଯୋଗ ହୋଇଛି। ତୁରନ୍ତ ବନ ବିଭାଗ ପକ୍ଷରୁ ମାଙ୍କଡ଼ ଧରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୩ ବାଇକ୍ ମଧ୍ୟରେ ଧକ୍କା; ୬ ଆହତ

ଖଲ୍ଲିକୋଟ,୭ ।୩(ସମିସ): ଖଲ୍ଲିକୋଟ ନିକଟସ୍ଥ ନିର୍ମଳଝର ଠାରେ ଶନିବାର ସନ୍ଧ୍ୟାରେ ତିନୋଟି ବାଇକ ମଧ୍ୟରେ ଧକ୍କା ହୋଇ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ୬ଟାରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ କେନ୍ଦୁପାଟ ଗ୍ରାମର ଦୀପକ ଗୌଡ଼ ଓ ବିଷ୍ଣୁ ଗୌଡ଼ ଏକ ବାଇକରେ ଭରସା ଗ୍ରାମ ଆଡ଼କୁ ଯାଉଥିଲେ। ଏହି ସମୟରେ ଖୋର୍ଦ୍ଧା ଜିଲ୍ଲା ବଡ଼କୁଳ ଗ୍ରାମର ସତ୍ୟନାରାୟଣ ନାୟକ ଓ ରାଜକୁମାର ରଥ୍ ନାହାକ ବାଇକ ଯୋଗେ ଭରସା ଗ୍ରାମ ପଟୁ ଆସୁଥିଲେ। ନିର୍ମଳଝର ଛକ ନିକଟରେ ଭାରସାମ୍ୟ ହରାଇ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ସମୟରେ ଆମ୍ବଝର ନୂଆପଲ୍ଲୀ ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ ଓ ପବିତ୍ର ସ୍ୱାଇଁ ବାଇକ ଯୋଗେ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ବେଳେ ଦୁଇ ବାଇକ ଯାଇ ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ତିନୋଟି ବାଇକର ୬ ଜଣ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କ ଅବସ୍ଥା ସ୍ଥିର ରହିଥିବା ବେଳେ ଦୀପକ ଗୌଡ଼, ବିଷ୍ଣୁ ଗୌଡ଼ ଓ ରାଜକୁମାରଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ



ବ୍ରହ୍ମପୁର,୭।୩(ସମିସ): ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଏକାଡେମିକ ଡିନ୍ ପି. ରାଜେଶ କୁମାର ଯୋଗ ଦେଇଥିଲେ। ମହିଳା ଦିବସ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ୟାନେଲିଷ୍ଟ ଭାବେ ପି. ରାଜେଶ କୁମାର, ଡ. ଆକାଂକ୍ଷା ପଟ୍ଟନାୟକ, ଆଲୁମିନି ୱିଙ୍ଗ କମାଣ୍ଡର ରୀନା ସାହୁ, ଛାତ୍ର ପ୍ରତିନିଧି ଏମ୍ ପବିତ୍ରା ଯୋଗ ଦେଇଥିଲେ। ମହିଳା ଦିବସ ଅବସରରେ ନିଷ୍ଟ ବିଶ୍ୱବିଦ୍ୟାଳୟର ମହିଳା ଶ୍ରମିକମାନଙ୍କୁ ଉପହାର ବଣ୍ଟନ କରାଯାଇଥିଲା। ଏହି ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାସହ ବିଭିନ୍ନ ପ୍ରତିଯୋଗିତାରେ ଅନୁଷ୍ଠିତ ହୋଇ କୃତି ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପୂର୍ଣ୍ଣେନ୍ଦୁ ମିଶ୍ର, ଡ଼. ହରିକୃଷ୍ଣ ଗନ୍ତାୟତ, ଡ଼ ପ୍ରୀତି ରଞ୍ଜନ ସାହୁ, ଡ଼ ପ୍ରଦୀପ ଜେନା, ମିଟୁ ବରାଳ, ସୌମ୍ୟା ମୁଦୁଲି, ସଂଜିତ ମହାନ୍ତି, ସରୋଜ ପାଢ଼ୀ, ପୀତାମ୍ବର ସାହୁ, ଡ଼. ଚାରୁଲତା ପଲାଇ, ଡ଼. ରୁନୁ ସାହୁ, ଡ଼ ଅମୃତା ପଟ୍ଟନାୟକ, ରୁଚିକା ପାଢ଼ୀ, ପ୍ରଜ୍ଞା ସାମନ୍ତ, ଆକାଂକ୍ଷା, ବାସନ୍ତୀ ପାତ୍ର, ଡ଼ ସରିତା ସାହୁ, ମିନାକ୍ଷୀ ଦାସ, ଡ଼. ବ୍ରଜ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବୈଦ୍ୟୁତିକ ବିଭାଗ ମୁଖ୍ୟ ଡ଼. ସସ୍ମିତା ପାଢ଼ୀ ପରିଚାଳନା କରିଥିଲେ।

---

● ମ୍ୟୁଲ୍ ଆକାଉଣ୍ଟ ମାମଲା

## ଆଉ ୨ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୭।୩(ସମିସ): ମ୍ୟୁଲ ଆକାଉଣ୍ଟ ମାମଲାରେ ବ୍ରହ୍ମପୁର ସାଇବର ଥାନା ପୁଲିସ ପୁଣି ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଦର ଥାନା ଅଞ୍ଚଳର ସତ୍ୟ ନାରାୟଣ ଦାଶ(୫୧) ଓ ସ୍ୱର୍ଣ୍ଣମ୍ ଦାସ(୨୯)। ପୂର୍ବରୁ ଏହି ମାମଲାରେ ପୁଲିସ ଭିଲାଇ ନିକଟ ଷ୍ଟିଲନଗରର ରବି ପ୍ରକାଶ ସାମନ୍ତ(୩୬)ଙ୍କୁ ଛତିଶଗଡରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତମାନେ ଏକ ନେଟୱାର୍କ ପରିଚାଳନାରେ ଜଡିତ ଅଛନ୍ତି ଯାହା ସାଇବର ଅପରାଧ ପରେ ମନି ଲଣ୍ଡରିଂ ପାଇଁ ବ୍ୟବହୃତ ହୁଏ।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁରବାସୀଙ୍କ ନାଁରେ ଏକାଧିକ ମ୍ୟୁଲ ଆକାଉଣ୍ଟ ଖୋଲି ସାଇବର ଠକେଇ ଟଙ୍କା କାରବାର ହେଉଥିବା ସାଇବର ଥାନା ପୁଲିସକୁ ସୂଚନା ମିଳିଥିଲା। ଏନେଇ ବିଭିନ୍ନ ଖାତାଧାରୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ତଦନ୍ତ ବେଳେ ବ୍ରହ୍ମପୁରର ୩ ଜଣ ବ୍ୟକ୍ତିଙ୍କ ନାମରେ ଏଭଳି ୫ଟି ମ୍ୟୁଲ ଆକାଉଣ୍ଟ ଚାଲୁଥିବା ସାଇବର ଥାନା ପୁଲିସ ଜାଣିବାକୁ ପାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ରବିପ୍ରକାଶର କାରନାମା ବିଷୟରେ ଜଣାପଡିଥିଲା। ଅଭିଯୁକ୍ତ ରବିପ୍ରକାଶଙ୍କ ବ୍ରହ୍ମପୁରରେ ସମ୍ପର୍କୀୟ ରହିଥିବାରୁ ସେ ୨ ବର୍ଷ ତଳେ ବ୍ରହ୍ମପୁର ଆସି ୩ ଜଣ ସମ୍ପର୍କୀୟଙ୍କୁ ଫାଇନାନ୍ସ କମ୍ପାନୀରେ ଚାକିରି କରାଇଦେବ ବୋଲି କହିଥିଲା। ସେହି ୩ ଜଣ ସମ୍ପର୍କୀୟଙ୍କ ସମସ୍ତ କାଗଜପତ୍ର ନେଇ ବ୍ରହ୍ମପୁର ସହରରେ ଥିବା ଇଣ୍ଡସଇଣ୍ଡ ବ୍ୟାଙ୍କ, ଫେଡେରାଲ ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କରେ ୫ଟି ଆକାଉଣ୍ଟ ଖୋଲିଥିଲା। ଅଭିଯୁକ୍ତ ସତ୍ୟ ନାରାୟଣ ଦାଶ ଓ ସ୍ୱର୍ଣ୍ଣମ୍ ଦାସଙ୍କ ନାଁରେ ଖୋଲା ଯାଇଥିବା ଆକାଉଣ୍ଟରେ ଲକ୍ଷାଧିକ ଠକେଇ ଟଙ୍କା ଟ୍ରାଞ୍ଜାକ୍ସନ ହୋଇଥିବା ପୁଲିସ ଜାଣିବାକୁ ପାଇଥିଲା। ଉକ୍ତ ବ୍ୟାଙ୍କ ଆକାଉଣ୍ଟର ଖାତା ଓ ଏଟିଏମ କାର୍ଡ ନେଇ ସେଥିରେ ସାଇବର ଠକେଇ ଅର୍ଥ କାରବାର ଚଳାଇଥିଲା। ତେବେ ଏହି ୫ଟି ଆକାଉଣ୍ଟରେ ଉତ୍ତରପ୍ରଦେଶ, ରାଜସ୍ଥାନ ଓ ହରିଆଣା ରାଜ୍ୟର ରୋହତକ, ଗୁରଗାଓଁ ଭଳି ସହରରୁ ସାଇବର ଠକମାନେ ଟଙ୍କା ପଠାଇବା ସହ ପରବର୍ତ୍ତୀ ସମୟରେ ଟ୍ରାନ୍ସଫର କରିଥିବା ପୁଲିସ ଜାଣିବାକୁ ପାଇଥିଲା। ହେଲେ ନିଜ ଆକାଉଣ୍ଟରେ ଲକ୍ଷ ଲକ୍ଷ ଠକେଇ ଟଙ୍କା ନେଣଦେଣ ହେଉଥିଲେ ମଧ୍ୟ ଅସଲି ଖାତାଧାରୀ ଜାଣିପାରୁନଥିଲେ। ଅଭିଯୁକ୍ତ ରବିପ୍ରକାଶ ଉପରୋକ୍ତ ରାଜ୍ୟର ସାଇବର ଠକଙ୍କ ସହ ମିଶି ଦେଶର ବିଭିନ୍ନ ଲୋକଙ୍କୁ ଠକେଇ କରିଥିବା ଜଣାପଡ଼ିଥିଲା। ବର୍ତ୍ତମାନ ଏହି ମାମଲାର ଗିରଫ ସଂଖ୍ୟା ୩ରେ ପହଁଚିଥିବା ବେଳେ ଆହୁରି ଏକାଧିକଙ୍କ ସମ୍ପୃକ୍ତ ରହିଥିବା ପୁଲିସ କହିଛି।

## ଘଣ୍ଟେଶ୍ୱରୀ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଆସିକା,୭ ।୩(ସମିସ): ଆସିକା ବ୍ଲକ ପରିସର ଭୁକ୍ତ ଭେଟନଇ ପଞ୍ଚାୟତର ଭେଟନଇ ଗ୍ରାମରେ ମା'ଘଣ୍ଟେଶ୍ୱରୀ ଠାକୁରାଣୀଙ୍କ ନୂତନ ମନ୍ଦିର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେଉଛି। ଏଥିପାଇଁ ଗ୍ରାମର ବହୁ ମହିଳା ଓ ପୁରୁଷ କଳସ ଯାତ୍ରାରେ ରୀତିନୀତି ଅନୁଯାଇ ପୂଜାପାଠ କରିଥିଲେ। ପଣ୍ଡିତ ପ୍ରମୋଦ କୁମାର ହୋତାଙ୍କ ପୌରହିତ୍ୟରେ ଶରତ କୁମାର ପାଢ଼ୀ, ଷଷ୍ଠି ପ୍ରସାଦ ହୋତା, ଅନୁପ କୁମାର ପାଢ଼ୀ, ମନୋଜ କୁମାର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, କାଳୀଚରଣ ନନ୍ଦ, ସମେତ ଅନେକ ବ୍ରାହ୍ମଣ ମନ୍ତ୍ରପାଠ କରିଥିଲେ। ପାଞ୍ଚଦିନ ଧରି ହେବାକୁ ଥିବା ପ୍ରତିଷ୍ଠା କାର୍ଯ୍ୟକ୍ରମର ପ୍ରଥମ ଦିବସରୁ ଦୀକ୍ଷାଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ, ନାମଯଜ୍ଞ ନିମନ୍ତେ ଅଧିବାସ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କମିଟି ସଭାପତି ବିଜୟ କୁମାର ଗୌଡ଼, ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ରେଶମା ଦୋରା, ସରପଞ୍ଚ ନମିତା ଜେନା, ଉପ ସଭାପତି ସୁବାସ ପାଣିଗ୍ରାହୀ, ସମ୍ପାଦକ ସୁରେନ୍ଦ୍ର ସାହୁ, ସହ ସମ୍ପାଦକ ବିଭୀଷଣ ସ୍ୱାଇଁ, ଉପଦେଷ୍ଟା ରବୀନ୍ଦ୍ର କୁମାର ମହାନ୍ତି, ଟୁଲୁ ଜେନା ସମେତ ଅନେକ ଗ୍ରାମର ଉତ୍ସାହି ଯୁବ ଓ ମହିଳା ଗୋଷ୍ଠୀ ସଦସ୍ୟମାନେ ସହଯୋଗ କରିଛନ୍ତି।

## ଗଞ୍ଜାମର ଐତିହାସିକ ଦୋଳଯାତ୍ରା ଉଦ୍‌ଯାପିତ

ଗଞ୍ଜାମ,୭ ।୩(ସମିସ): ଗଞ୍ଜାମର ଐତିହାସିକ ଦୋଳଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଚନ୍ଦ୍ରଗ୍ରହଣ ପରେ ଠାକୁରମାନଙ୍କୁ ନୀତିକାନ୍ତି ଅନୁଯାଇ ପୂଜାର୍ଚ୍ଚନା କରାଯାଇ ମନ୍ଦିର ଅଭିମୁଖେ ଫେରିବା ନେଇ ନିର୍ଦ୍ଧାରିତ ହୋଇଥିବା ବେଳେ ପୁଇଁତୋଳା, ବିଞ୍ଚଣାପଲ୍ଲୀ, ସୂର୍ଯ୍ୟନାରାୟଣପୁର ଓ

### ବିଳମ୍ବରେ ମନ୍ଦିର ଫେରିଲେ ଠାକୁର



ସାନ ବଜାର କୈବର୍ତ୍ତ ସାହି ପ୍ରମୁଖ ୭ଟି ଠାକୁରମାନେ ମନ୍ଦିର ଅଭିମୁଖେ ପ୍ରସ୍ଥାନ କରିଥିଲେ। ଅନ୍ୟ ୯ ଗୋଟି ଠାକୁର ଯାତ୍ରାସ୍ଥଳରୁ ଉଠିନଥିଲେ। ଯୁବଗୋଷ୍ଠୀ ସାଉଣ୍ଡ ସେକ୍ସନ ଓ ଆଲୋକୀକରଣ ବ୍ୟବସ୍ଥା ନଥିଲେ ଠାକୁର ଉଠିବେନି ବୋଲି ଅଡ଼ି ବସିଥିଲେ। ପରେ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଏସ୍‌ଡିପିଓ ଚନ୍ଦନ ଘଡେଇ ପହଞ୍ଚି ଯାତ୍ରା କମିଟିମାନଙ୍କୁ ବୁଝାଇବା ପରେ ଠାକୁରମାନେ ବହୁ ବିଳମ୍ବରେ ଯାତ୍ରା ସ୍ଥଳରୁ ପ୍ରସ୍ଥାନ କରିଥିଲେ। ସେହିପରି ଠାକୁରମାନେ ଯାତ୍ରା ସ୍ଥଳରେ ସ୍ଥାନ ଚିହ୍ନଟ ପାଇଁ ମଧ୍ୟ ବହୁ ବିଳମ୍ବରେ ଆସିଥିଲେ। ଡିଜେ ଗାଡ଼ି ଗୁଡ଼ିକର ବେସ୍ ପୁଲିସ ପ୍ରଶାସନ ପକ୍ଷରୁ ବାହାର କରିବାକୁ ନେଇ ଯାତ୍ରା କମିଟି ଅସନ୍ତୋଷ ପ୍ରକାଶ କରିଥିଲେ। ଦୋଳଯାତ୍ରା ରାତ୍ରରେ ମଧ୍ୟ ୧୬ଟି ଠାକୁର ବହୁ ବିଳମ୍ବରେ ଯାତ୍ରା ସ୍ଥଳରେ ପହଞ୍ଚିଥିଲେ। ପୁରୁଣା ଜଗନ୍ନାଥ ମନ୍ଦିର ନିକଟ କୋହଲା ବାହାରି ଯାତ୍ରାସ୍ଥଳ ପରିକ୍ରମା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୁରୁଣା ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପୂଜକ କନ୍ଧ ଶତପଥୀଙ୍କ ତତ୍ତ୍ୱାବଧାନରେ ପରମ୍ପାରିକ ରୀତିନୀତି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ପୂଜାର୍ଚ୍ଚନା ପରେ ନାଟ ମଣ୍ଡପରେ ଭାରତଲୀଳା ପରିବେଷଣ ହୋଇଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ



ବ୍ରହ୍ମପୁର,୭ ।୩(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ରାଜା ସାହେବ ଶ୍ରୀ ହରିହର ମର୍ଦ୍ଦରାଜ ଦେଓ ଓ ରାଜା ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ପ୍ରାକ୍ତନ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ରାଜକିଶୋର ପାଢ଼ୀ ଓ ଯୁବ ପ୍ରତିଭା ଆଲୋକ ବିଷୋୟୀ ଲୋକନୃତ୍ୟର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ପିଜିସି ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ବିଶ୍ୱବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ ସହ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ତଥା ସାମଗ୍ରିକ ବିକାଶ ନିମନ୍ତେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିଷୟରେ କହିଥିଲେ। ଶେଷରେ କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ, ଉପକୁଳସଚିବ ଡ.ପ୍ରଶାନ୍ତ କୁମାର ନରେନ୍ଦ୍ର, ଡ.ଗୌତମ ସାବତ, ଡ.ଯତୀନ ବିଷୋୟୀ, ଡ.ସୁଶୀଲ କୁମାର ରାଠୋର, ଡ. ପ୍ରଣତି ରଥ, ଡ.ସସ୍ମିତା କୁମାରୀ ବେହୁରା, ଡ.ଅନ୍ନପୂର୍ଣ୍ଣା ସାହୁ ସମେତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

---

## ୯ ରୁ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷା

ବ୍ରହ୍ମପୁର,୭ ।୩(ସମିସ): ଚଳିତମାସ ୯ରୁ ୧୩ତାରିଖ ପର୍ଯ୍ୟନ୍ତ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ଗାଇଡ଼ଲାଇନ ଅନୁଯାୟୀ ପରୀକ୍ଷା ପରିଚାଳନା ହେବ। ଉକ୍ତ ପରୀକ୍ଷାରେ ପାସ ଫେଲର ବ୍ୟବସ୍ଥା ରହିଥିବା ବେଳେ ଜିଲ୍ଲାରେ ଚଳିତବର୍ଷ ପଞ୍ଚମ ଶ୍ରେଣୀର ପ୍ରାୟ ୪୨ହଜାର ଓ ଅଷ୍ଟମ ଶ୍ରେଣୀର ପ୍ରାୟ ୪୩ହଜାର ୬ଶହ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ମୋଟ ୫୦ମାର୍କ ମୌଖିକ ଓ ଲିଖିତ ପରୀକ୍ଷା ରହିଛି। ସେଥି ମଧ୍ୟରୁ ୧୦ ମାର୍କ ମୌଖିକ ଓ ୪୦ ମାର୍କ ଲିଖିତ ପରୀକ୍ଷା ରହିବ। ସେହିପରି ୮ମ ଶ୍ରେଣୀ ପାଇଁ କେବଳ ୫୦ ମାର୍କର ଲିଖିତ ପରୀକ୍ଷା କରାଯିବ।

● ଲାଗୁ ହେଲା ପାସ୍-ଫେଲ୍ ବ୍ୟବସ୍ଥା

● ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ ଫେଲ୍ ଛାତ୍ରଛାତ୍ରୀ

୩୦ପ୍ରତିଶତରୁ କମ୍ ରଖିଥିବା ଛାତ୍ରଛାତ୍ରୀ ଯେଉଁମାନେ କୃତକାର୍ଯ୍ୟ ହେବେ ନାହିଁ, ସେମାନଙ୍କ ପାଇଁ ସପ୍ଲିମେଣ୍ଟାରି ପରୀକ୍ଷା କରାଯିବ ତା'ପୂର୍ବରୁ ଅକୃତକାର୍ଯ୍ୟ ହୋଇଥିବା ପିଲାଙ୍କ ପାଇଁ ବିଦ୍ୟାଳୟ ପକ୍ଷରୁ ରେମେଡିଆଲ୍ ଟିଚିଂ ବ୍ୟବସ୍ଥା ହେବା ନେଇ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ରହିଛି। ପରୀକ୍ଷାର୍ଥୀଙ୍କ ପାଇଁ ଜିଲ୍ଲାସ୍ତରରେ ପ୍ରଶ୍ନପତ୍ର ପ୍ରସ୍ତୁତି ହୋଇଛି। ଧାର୍ଯ୍ୟ ପରୀକ୍ଷା ତାରିଖର ଅତିକମ୍‌ରେ ୭ ଦିନ ପୂର୍ବରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଶ୍ନପତ୍ର ପ୍ରଦାନ କରାଯିବ। ଉକ୍ତ ପ୍ରଶ୍ନପତ୍ର ଗୁଡ଼ିକୁ ବ୍ଲକସ୍ତରରେ ଥିବା ଏକ ନିର୍ଦ୍ଦିଷ୍ଟ ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯିବାର ବ୍ୟବସ୍ଥା ହୋଇଛି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ସମୟରେ ଯେଉଁ ବିଦ୍ୟାଳୟ ଗୁଡ଼ିକରେ ପତ୍ର ସଂରକ୍ଷଣ କରାଯାଇଥିଲେ। ଉକ୍ତ ସ୍ଥାନରେ ପ୍ରଶ୍ନପତ୍ର ରଖାଯିବାର ନିଷ୍ପତି ହୋଇଛି। ପରୀକ୍ଷା ଦିନ ସକାଳେ ବିଦ୍ୟାଳୟରେ ପ୍ରଶ୍ନପତ୍ର ପହଞ୍ଚିବାର ବ୍ୟବସ୍ଥା ରହିଛି।

### ଗଞ୍ଜାମ ଓକିଲ ସଂଘ ନିର୍ବାଚନ

## ପ୍ରଥମ ଦିନରେ ୮ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

■ ସବୁ ପଦବୀରେ ହେବ ବହୁମୁଖୀ ପ୍ରତିଦ୍ୱନ୍ଦିତା ■ ଗତଥର ପରାଜିତ ୩ ପ୍ରାର୍ଥୀ ପୁଣି ରଣାଙ୍ଗନରେ






ବ୍ରହ୍ମପୁର,୭ ।୩(ସମିସ): ଆସନ୍ତା ୨୮ ତାରିଖରେ ରାଜ୍ୟରେ ଏକକାଳୀନ ହେବ ଆଇନଜୀବୀ ସଂଘ କର୍ମକର୍ତ୍ତା ନିର୍ବାଚନ। ଏଥିପାଇଁ ଆଜିଠୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଯାଇଛି। ଯାହା ଆସନ୍ତା ୯ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ଗଞ୍ଜାମ ଓକିଲ ସଂଘର ପ୍ରମୁଖ ୪ଟି ପଦବୀ ପାଇଁ ମୋଟ ୮ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ୨ଜଣ ସଭାପତି ପ୍ରାର୍ଥୀ ତିରୁମୁଲ କୁମାର ରେଡ୍ଡୀ, ରବୀନ୍ଦ୍ର କୁମାର ଦେଓ, ଉପ ସଭାପତି ପ୍ରାର୍ଥୀ ଭାବେ ସତ୍ୟ ନାରାୟଣ ବସନ୍ତିଆ, ଶ୍ରୀକାନ୍ତ ମହାପାତ୍ର, ସୀମାଞ୍ଚଳ ବିଶୋୟୀ ଓ ଅନୀଲ କୁମାର ପଣ୍ଡା ନିଜ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିଭଳି ଗୁରୁତ୍ୱପୂର୍ଣ୍ଣ ସମ୍ପାଦକ ପଦବୀ ପାଇଁ ବରିଷ୍ଠ ଆଇନଜୀବୀ ଜଗନ୍ନାଥ ମିଶ୍ର ଏକମାତ୍ର ପ୍ରାର୍ଥୀ ଭାବେ ପ୍ରଥମ ଦିନରେ ଶତାଧିକ ସମର୍ଥକଙ୍କ ସହିତ ଆସି ନାମାଙ୍କନ ଦାଖଲ କରିଥିବା ବେଳେ ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ଭାବେ ଏକମାତ୍ର ମହିଳା ପ୍ରାର୍ଥୀନି ମିରାବାଇ ପାଣିଗ୍ରାହୀ ନାମାଙ୍କନ ଦାଖଲ କରିଥିଲେ। ୪ଟି ପଦବୀ ପାଇଁ ମୋଟ ୧୮ଟି ଫର୍ମ ବିକ୍ରୀ ହୋଇଥିବା ବେଳେ ରବିବାର ଓ ସୋମବାର ଅନ୍ୟ ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବାର ସମ୍ଭାବନା ରହିଛି। ଚଳିତ ବର୍ଷ ସମସ୍ତ ୪ଟି ପ୍ରମୁଖ ପଦବୀରେ ବହୁମୁଖୀ ପ୍ରତିଦ୍ୱନ୍ଦିତା ହେବା ଏକ ରକମର ସ୍ପଷ୍ଟ ହୋଇଯାଇଛି। ସମସ୍ତ ପ୍ରାର୍ଥୀ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ରଙ୍କ ନିକଟରେ ପ୍ରପୋଜର, ସେକେଣ୍ଡରଙ୍କ ସହିତ ଆବଶ୍ୟକ ଜମାରାଶି ପୈଠ କରି ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରକାଶ ଯୋଗ୍ୟ ଯେ' ଗତ ନିର୍ବାଚନରେ ସଭାପତି ପଦବୀରେ ନିର୍ବାଚନ ଲଢି ପରାଜୟ ବରଣ କରିଥିବା ବରିଷ୍ଠ ଆଇନଜୀବୀ ସିତାଂଶୁ ଶେଖର ପଣ୍ଡା, ସମ୍ପାଦକ ପଦବୀରେ ଜଗନ୍ନାଥ ମିଶ୍ର ଓ ସହ ସମ୍ପାଦକ ପଦବୀରେ ରଂଜନ ସାମନ୍ତରାୟ ପରାସ୍ତ ହୋଇ ଥିବାବେଳେ ଚଳିତ ନିର୍ବାଚନରେ ପୁଣି ଥରେ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ସେହିଭଳି ଗତ ନିର୍ବାଚନରେ ଉପ ସଭାପତି ଭାବେ ନିର୍ବାଚିତ ହୋଇଥିବା ବରିଷ୍ଠ ଆଇନଜୀବୀ ଟି.କେ.ରେଡ୍ଡୀ ଚଳିଥ ଥର ପୁଣିଥରେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ସଭାପତି ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି।

### ପୀତବାସ ପଣ୍ଡା ହତ୍ୟା ମାମଲା

# ବିକ୍ରମଙ୍କ ଜାମିନ ଆବେଦନ ବିଳମ୍ବ ପାଇଁ ପୁଲିସର ଅପଚେଷ୍ଟା!

- କୋର୍ଟରେ ମାମଲା ଶେଷ ଓ ମୋକଦ୍ଦମା ଆରମ୍ଭ ହୋଇ ନ ଥିବା ସତ୍ତ୍ୱେ ଦିଆଯାଉଛି ମିଥ୍ୟା ତଥ୍ୟ
- ପୁଲିସର ଏକତରଫା କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇଲେ ବିକ୍ରମଙ୍କ ଓକିଲ

ବ୍ରହ୍ମପୁର,୭ ।୩(ସମିସ)

ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ କଳେ ବଳେ କୌଶଳେ ଗିରଫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ଓ ସେମାନଙ୍କୁ ଜାମିନ ମିଳିବାରେ ବିଳମ୍ବ କରିବାକୁ ଚେଷ୍ଟା କରୁଛି। ଏକ୍ଷେତ୍ରରେ ପୁଲିସ ନିଜର ଆତ୍ମସମ୍ମାନ ରକ୍ଷା କରିବାକୁ ଯାଇ ମିଛ ତଥ୍ୟକୁ କୋର୍ଟରେ ଦାଖଲ କରି ଭ୍ରମିତ କରିବାକୁ ମଧ୍ୟ ପଛାଉନାହିଁ। ଗିରଫ ହୋଇଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ବିରୋଧରେ ଏକାଧିକ ମିଥ୍ୟା ତଥ୍ୟ ପୁଲିସ କୋର୍ଟରେ ଦାଖଲ କରିଥିବା ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ବିକ୍ରମଙ୍କ ବିରୁଦ୍ଧରେ ୨୦୦୯ରେ ଟାଉନ୍ ଥାନାରେ ଏକ ମାମଲା ଥିବା ନେଇ ତଦନ୍ତକାରୀ ଅଧିକାରୀ ତଥା ଟାଉନ୍ ଏସ୍‌ଡିପିଓ ପ୍ରିୟସ ରଂଜନ ଛୋଟରାୟ କୋର୍ଟରେ ଦର୍ଶାଇ ଥିବାବେଳେ ଉକ୍ତ ମାମଲା ୨୦୨୨ ଏପ୍ରିଲ ୧୬ରେ ଶେଷ ହୋଇସାରିଛି। ସେହିଭଳି ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ନିମଖଣ୍ଡି ଥାନା ଇଲାକାରେ ହୋଇଥିବା ଏକ ରାଜନୈତିକ ଗଣ୍ଡଗୋଳ ମାମଲାରେ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଥିଲେ ହେଁ ପୁଲିସ କାହାରିକୁ ଏପର୍ଯ୍ୟନ୍ତ ନୋଟିସ ମଧ୍ୟ କରିନାହିଁ। ସେହିଭଳି ଗତ ଅକ୍ଟୋବର ୬ରେ ପୀତବାସ ପଣ୍ଡାଙ୍କ ହତ୍ୟା ହୋଇଥିବା ବେଳେ ଘଟଣା ପରେ ଅର୍ଥାତ୍ ସେପ୍ଟେମ୍ବର ୩ ଓ ସେପ୍ଟେମ୍ବର ୧୧ରେ ମୃତ ପୀତବାସଙ୍କ ପୁଅ ସୌରଭ ପଣ୍ଡାଙ୍କ ଦ୍ୱାରା ସ୍ଥାନୀୟ ବୈଦ୍ୟନାଥପୁର ଥାନାରେ ଦିଆଯାଇଥିବା ଦୁଇଟି ଅଭିଯୋଗରେ ମଧ୍ୟ ଏପର୍ଯ୍ୟନ୍ତ ପୁଲିସ ପକ୍ଷରୁ କାହାରିକୁ ଡକାଯାଇ ନାହିଁ କିମ୍ବା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବିକ୍ରମ ପଣ୍ଡା ଜେଲରେ ଥିବାବେଳେ ଫୋନ ମାଧ୍ୟମରେ ତାଙ୍କ ନାମ ନେଇ କେହି ସୌରଭ ଓ ତାଙ୍କ ପରିବାରକୁ ଧମକାଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗର ଦୀର୍ଘ ୪ମାସରୁ ଊର୍ଦ୍ଧ୍ୱ କାଳ ବିତିଥିଲେ ବି ପୁଲିସ କାହାରିକୁ ପକ୍ଷଭୁକ୍ତ କରିନଥିବା ବିକ୍ରମଙ୍କ ଓକିଲ ଶ୍ରୀ ପଟ୍ଟନାୟକ ସିଧାସଳଖ ଅଭିଯୋଗ କରିଛନ୍ତି। ଘଟଣାର ଦୀର୍ଘଦିନ ପରେ ଗିରଫ ହୋଇ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଜେଲରେ ରହି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହେବାପରେ ଗତ କିଛିଦିନ ଧରି ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଖୁବ୍‌ଶୀଘ୍ର ତାଙ୍କର ଅସ୍ତ୍ରୋପଚାର ମଧ୍ୟ ହେବାର ସମ୍ଭାବନା ରହିଛି। ପୁଲିସ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ତଥା ରାଜନୈତିକ ଚାପର ବଶବର୍ତ୍ତି ହୋଇ ହଇରାଣ କରିବାକୁ ଯାଇ ତାଙ୍କ ବିରୁଦ୍ଧରେ ମିଥ୍ୟା ତଥ୍ୟ ଓ ଅଭିଯୋଗ ପ୍ରସ୍ତୁତ କରି କୋର୍ଟକୁ ଭ୍ରମିତ କରିବାକୁ ଅପଚେଷ୍ଟା କରୁଛି ବୋଲି ଓକିଲ ଦୀପକ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

## ୧୦ରେ ମଳୟଙ୍କ ଆନ୍ତରୀଣ ଜାମିନ ଆବେଦନର ଶୁଣାଣି

**ଗିରଫ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ଶୁଣାଣି ୯ରେ**

ବ୍ରହ୍ମପୁର,୭ ।୩(ସମିସ): ବହୁ ଚର୍ଚ୍ଚିତ ପିତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଶୁଣାଣି ହୋଇଛି। କୋର୍ଟରେ ଖାସ କରି ଅସୁସ୍ଥ ମଳୟ ବିଶୋୟୀଙ୍କ ପକ୍ଷରୁ ତାଙ୍କ ଓକିଲ ଦାଏର କରିଥିବା ପିଟିସନ ଉପରେ ଶୁଣାଣି ହୋଇଥିଲା। ପୂର୍ବରୁ ଦୁଇ ଦୁଇତଣ କୋର୍ଟ ଉଭୟ ଜେଲ ଓ ମେଡିକାଲ କର୍ତ୍ତୃପକ୍ଷଙ୍କୁ ମଳୟଙ୍କ ସ୍ୱାସ୍ଥ୍ୟଗତ ରିପୋର୍ଟ ତଲବ କରିନଥିଲେ ହେଁ ମେଡିକାଲ କର୍ତ୍ତୃପକ୍ଷ ତାହା ଦାଖଲ କରିନଥିଲେ। ଯାହାକୁ ନେଇ ଗତ ୫ତାରିଖରେ କୋର୍ଟ ଉଭୟ କର୍ତ୍ତୃପକ୍ଷଙ୍କ ଉପରେ ବିରକ୍ତି ହୋଇଥିଲେ। ତଥାପି ଆଜି ମେଡିକାଲ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ମଳୟଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟରେ କିଛି ଭୁଲ ଭଟକା ଥିବା ମଳୟଙ୍କ ଓକିଲ କୋର୍ଟରେ ଦର୍ଶାଇଥିଲେ। ଯଦ୍ୱାରା ଆସନ୍ତା ୧୦ତାରିଖ ମଙ୍ଗଳବାର ଦିନ ମାମଲାର ପରବର୍ତ୍ତି ଶୁଣାଣି ହେବା ସହିତ ମଳୟଙ୍କ ଆନ୍ତରୀଣ ଜାମିନ ସମ୍ପର୍କିତ ଶୁଣାଣି ହେବ ବୋଲି ଜଣାପଡିଛି। ମଳୟଙ୍କୁ ଆଇସିୟୁରୁ ସିଧାସଳଖ ଜେଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଏନେଇ ମେଡିକାଲ କର୍ତ୍ତୃପକ୍ଷ ଭୁଲ ରିପୋର୍ଟ ଦେଇଥିବା ଅଭିଯୋଗ କରିଛନ୍ତି ମଳୟଙ୍କ ଓକିଲ କୃଷ୍ଣ ପଟ୍ଟନାୟକ। ସେପଟେ ଏଭଳି ଅଭିଯୋଗ ଆସିବା ପରେ ମଳୟଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଆସନ୍ତା ୧୦ତାରିଖରେ ବ୍ୟକ୍ତିଗତ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ମଳୟଙ୍କ ଓକିଲ ସୂଚନା ଦେଇଛନ୍ତି।

## ଆଜି ବ୍ରହ୍ମପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ

ବ୍ରହ୍ମପୁର,୭ ।୩(ସମିସ): ଆଜି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡ଼ିଆରେ ବିଶାଳ ହିନ୍ଦୁ ସମ୍ମିଳନୀ ଆୟୋଜିତ ହେବ। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶୁକ୍ରବାର ଉତ୍କଳ ଆଶ୍ରମ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଏଥିରେ ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ବିଭିନ୍ନ ମଠ ମନ୍ଦିରର ପୂଜ୍ୟ ସାଧୁ ସନ୍ଥ, ମଠାଧୀଶମାନେ ଯୋଗଦେବେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ବିଭିନ୍ନ ହିନ୍ଦୁ ଧାର୍ମିକ ଓ ଆଧ୍ୟାତ୍ମିକ ସଙ୍ଗଠନ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯିବ। ରବିବାର ଭୋର ୬ଟାରୁ ଘୃତ ଯଜ୍ଞ ଆରମ୍ଭ ହେବ। ସକାଳ ୮ଟାରୁ ହନୁମାନ ଚାଳିଶା ଆରମ୍ଭ ହେବ। ପୂର୍ବାହ୍ନ ୯ଟାରେ ସହରର ୪ଦିଗରୁ ୪ଟି ପଟୁଆର ବାହାରି ବିଶାଳ ହିନ୍ଦୁ ସମ୍ମିଳନୀ ସ୍ଥଳରେ ପହଞ୍ଚିବେ। ଏଥିରେ ବାଇକ୍ ରାଲି, ସଂକୀର୍ତ୍ତନ ମଣ୍ଡଳୀ, ହିନ୍ଦୁ ଶ୍ରଦ୍ଧାଳୁ ସାମିଲ ହେବେ। ପୂର୍ବାହ୍ନ ୧୧ଟାରୁ ଜ୍ଞାନ ଯଜ୍ଞ ବା ପ୍ରବଚନ କାର୍ଯ୍ୟକ୍ରମ ହେବ। ଶେଷରେ ଅନ୍ନ ଯଜ୍ଞ ଆୟୋଜିତ ହେବ। ସଂସ୍କୃତି ଓ ଐତିହ୍ୟର ପୁନଃ ଜାଗ୍ରତ ହିଁ ଏହି ବିଶାଳ ହିନ୍ଦୁ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଭାପତି ଅଜିତ କୁମାର ମହାପାତ୍ର, ସମ୍ମିଳନୀର କାର୍ଯ୍ୟକ୍ରମ ପ୍ରମୁଖ ଉମାଧବ ମହାନ୍ତି, ସମ୍ମିଳନୀର ପ୍ରମୁଖ କର୍ମକର୍ତ୍ତା ଡ. ଜୀବାନନ୍ଦ ତ୍ରିପାଠୀ ଓ ସମ୍ପାଦକ ନାରାୟଣ ପଣ୍ଡା ମଞ୍ଚାସୀନ ଥିଲେ। ପ୍ରହଲ୍ଲାଦ ପାଣିଗ୍ରାହୀ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରହ୍ମପୁର ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ ଉପସ୍ଥିତ ଥିଲେ।



**● ନିଜେ ଖୋଳିଥିବା ଗାତରେ ଫସିଗଲେ ଦୁର୍ଦ୍ଦାନ୍ତ 'ସାଗର'**

## ପୁଲିସର ଖୋଳତାଡ଼ 'ଟାର୍ଗେଟରେ ଥିଲା କିଏ'


- ପୁରୁଷୋତ୍ତମପୁର ପୁଲିସ ସ୍କାନରରେ ବ୍ରହ୍ମପୁର ଅପରାଧୀ ଗ୍ୟାଙ୍ଗ
- ହୋଇଥିଲା କି ହତ୍ୟା ପାଇଁ ସୁପାରି ଡିଲ୍

ବ୍ରହ୍ମପୁର,୭ ।୩(ସମିସ): ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲାରେ ପୂର୍ବରୁ ଅପରାଧୀ ଗ୍ୟାଙ୍ଗ ରାଜ୍ୟ ବାହାରୁ ବନ୍ଧୁକ ଆଣି ନିଜ ସାମ୍ରାଜ୍ୟ ବିସ୍ତାର କରୁଥିଲେ। ତେବେ ପୁଲିସର ନିୟମିତ ଚଢ଼ଉ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଏନ୍‌କାଉଣ୍ଟର ଭଳି କଡ଼ା ପଦକ୍ଷେପ ଫଳରେ ଗ୍ୟାଙ୍ଗଷ୍ଟାରଙ୍କ ରାଜୁତି ହ୍ରାସ ପାଇଥିଲା। କିନ୍ତୁ ଚୋରା ବନ୍ଧୁକ କାରବାର ଥମିପାରି ନାହିଁ। ବ୍ରହ୍ମପୁର ସହର ସମେତ ଉପକଣ୍ଠରେ ଯୁବଗୋଷ୍ଠୀ ଓ ଅପରାଧୀଙ୍କ ନିକଟରେ ବହୁ ପରିମାଣରେ ବନ୍ଧୁକ ଗଚ୍ଛିତ ଥିବା ସନ୍ଦେହ ପ୍ରକାଶ ପାଇଛି। ଗତ ୨ତାରିଖରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅରଖପୁର ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧୀ ସାଗର ବେହେରାକୁ କିଛି ଦୁର୍ବୃତ୍ତ ଗୁଳି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଗୁଳିବିଦ୍ଧ ସାଗରଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଘଟଣାର ତଦନ୍ତ ବେଳେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସାଗର ନିଜ ବନ୍ଧୁକକୁ ଟ୍ରାଏଲ କରୁଥିବା ବେଳେ ଅସାବଧାନତା ଯୋଗୁ ନିଜ ଦେହରେ ଗୁଳି ବାଜିଥିବା ଜଣାପଡ଼ିଛି। ଏହି ମାମଲାରେ ପୁଲିସ ଜଣେ ନାବାଳକଙ୍କ ସମେତ ରାହୁଲ ପ୍ରଧାନ ନାମକ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ସମେତ ଆହତ ଦୁର୍ଦ୍ଦାନ୍ତ ସାଗରଙ୍କ ବୟାନ ରେକର୍ଡ କରିଛି ପୁଲିସ। ସେମାନଙ୍କ ବୟାନକୁ ଆଧାର କରି ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ପୁରୁଷୋତ୍ତମପୁର ଏସଡ଼ିପିଓ ସୁଜିତ ନାୟକଙ୍କ ନେତୃତ୍ୱରେ ଥାନା ଅଧିକାରୀ କୁଳମଣି ସେଠୀଙ୍କୁ ନେଇ ଏକ ଟିମ୍ ବ୍ରହ୍ମପୁର ଓ ଜିଲ୍ଲାର ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ କରୁଥିବା ଜଣାପଡିଛି। ସେପଟେ ସାଗର ଓ ତାର କିଛି ସହଯୋଗୀ ସୁରତ ଫେରନ୍ତା ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି। ଗତ ଦୁଇମାସ ଧରି ସେମାନେ ଜିଲ୍ଲାକୁ ଆସି ଆଉ ସୁରତ ଫେରିନଥିବା ଜଣାପଡିଛି। କାହା ମୁଣ୍ଡ ଗଡ଼ାଇବା ପାଇଁ ସେମାନେ ସୁରତରୁ ଗଞ୍ଜାମକୁ ଫେରିଥିଲେ, ଆଉ ଏଥି ପାଇଁ କିଛି ସୁପାରି ଡିଲ ହୋଇଥିଲା କି, ଏହା ପଛରେ କାହାର ହାତ ରହିଛି ଏଭଳି ବିଭିନ୍ନ ଦିଗକୁ ନେଇ ପୁଲିସର ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ବନ୍ଧୁକ ଏମାନଙ୍କ ନିକଟକୁ ଆସିଲା କିପରି, କିଏ ଯୋଗାଇଥିଲା। ବ୍ରହ୍ମପୁରରେ କେଉଁ କେଉଁ ସ୍ଥାନରେ ରେକି କରିଥିଲେ ଏହି ଗ୍ୟାଙ୍ଗ ସଦସ୍ୟ ଏସବୁର ଯାଞ୍ଚ କରୁଛି ସ୍ୱତନ୍ତ୍ର ପୁଲିସ ଟିମ୍। ବ୍ରହ୍ମପୁରର ବିଭିନ୍ନ ସ୍ଥାନର ସିସିଟିଭି ଯାଞ୍ଚ ସହ ଅଭିଯୁକ୍ତଙ୍କ ମୋବାଇଲ ନମ୍ବରକୁ ମଧ୍ୟ ଟ୍ରାକିଂ କରାଯାଉଛି। ଅଭିଯୁକ୍ତଙ୍କ ମୋବାଇଲ ସିଡିଆର ଆସିବା ପରେ ଘଟଣା ପଛରେ କାହାର ହାତ ଅଛି ତାହା ସ୍ପଷ୍ଟ ହେବ ବୋଲି ପୁଲିସ ଆଶା ରଖିଛି।

## ଘରେ ବିସ୍ଫୋରଣ; ମହିଳା ଗୁରୁତର

ବ୍ରହ୍ମପୁର,୭।୩(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୁମ୍ଭାରପଲ୍ଲୀ ଗ୍ରାମରେ ରହୁଥିବା ସନ୍ତୋଷ ପାଣିଗ୍ରାହୀଙ୍କ ଘରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଛି। ଏଥିରେ ସନ୍ତୋଷଙ୍କ ପତ୍ନୀ ଗୁରୁତର ହୋଇଛନ୍ତି। ଘର ଭିତରେ ଥିବା ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ଘରେ ବିସ୍ଫୋରଣ ହୋଇଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଛି। ଗୁରୁତର ମହିଳାଙ୍କୁ ଶୀତଳାପଲ୍ଲୀ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ଅନ୍ୟପକ୍ଷରେ ସିଲିଣ୍ଡର ଗ୍ୟାସ ଲିକ୍ ହୋଇ ଏଭଳି ଅଘଟଣ ଘଟିଛି ନା ଆଉ କିଛି କାରଣ ତାହା ତଦନ୍ତ ପରେ ଜଣାପଡ଼ିବ।

## କାର୍-ବାଇକ୍ ଧକ୍କା; ଦୁଇ ଛାତ୍ର ଆହତ



ବ୍ରହ୍ମପୁର,୭।୩(ସମିସ): ଗୋଷାଣୀନୂଆଗାଁ ଥାନା ନିକଟରୁ ରେଳ ଷ୍ଟେସନ ୪ ନମ୍ବର ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଓଭରବ୍ରିଜ୍‌ରେ ଶନିବାର ମଧ୍ୟାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣ ସ୍କୁଲ ଛାତ୍ର ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁଇ ଆହତ ଛାତ୍ରଙ୍କ ପରିଚୟ ମିଳିପାରିନାହିଁ। ୪ ନମ୍ବର ପ୍ଲାଟଫର୍ମ ପାଖରୁ ଏକ କାର୍ (ନଂ.ଓଡି ୦୭ଏଜେଡ୍-୩୪୩୫) ଗୋସାଇଁନୂଆଗାଁ ଅଭିମୁଖେ ଯାଉଥିବାବେଳେ ନାବାଳକ ଦ୍ୱୟ ଏକ ବାଇକ୍ (ନଂ.ଓଡି୦୭ବିସି-୦୩୮୪)ରେ କାର୍ ଆଗରେ ଯାଉଥିଲେ। ହଠାତ୍ କାରଟି ଦ୍ରୁତ ଗତିରେ ଆସି ବାଇକ୍‌କୁ ପଛରୁ ଧକ୍କା ଦେଇଥିଲା। ଟ୍ରାଫିକ୍ ଥାନା ପୁଲିସ ପହଞ୍ଚି କାର୍‌କୁ ଜବତ କରିଛି। ଅନ୍ୟପଟେ ଘଟଣାକୁ ନେଇ ରାତି ୯ଟା ସୁଦ୍ଧା ଟ୍ରାଫିକ୍ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ଅଧିକାରୀ ପଦ୍ମ ଚରଣ ଭଞ୍ଜ କହିଛନ୍ତି।

# ଖେଳପଡ଼ିଆ ପାଲଟିଲା ସିଟି ବସ୍‌ଷ୍ଟାଣ୍ଡ














- କାର୍ଯ୍ୟକ୍ଷମ ହେଲା ହଳଦିଆପଦର ଓ ଡୁଡୁମା କଲୋନୀ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ
- ପ୍ରଶାସନର ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ

ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୭ ।୩(ସମିସ)

ଗେଟ୍‌ବଜାର ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଯୋଗୁଁ ନୂଆ ବସଷ୍ଟାଣ୍ଡକୁ ବନ୍ଦ କରି ଫାଷ୍ଟଗେଟ ଡୁଡୁମା କଲୋନୀ ସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯାଇଛି। ଫଳରେ ଆସିକା, ଦିଗପହଣ୍ଡି, ରାୟଗଡ଼ା ଓ ଫୁଲବାଣୀ ରୁଟରେ ଆସୁଥିବା ସମସ୍ତ ବସ ଗୁଡ଼ିକ ସହର ଭିତରକୁ ପ୍ରବେଶ ନକରି ଡୁଡୁମା କଲୋନୀ ବସଷ୍ଟାଣ୍ଡରୁ ଯାତାୟତ କରିଥିଲା। ଏଥି ସହିତ ସହରର ବିଭିନ୍ନ ସ୍ଥାନରୁ ଲୋକେ ଆମ ବସ୍ ଓ ଅଟୋ ରିକ୍ସା ଯୋଗେ ବସଷ୍ଟାଣ୍ଡକୁ ଯାତାୟତ କରିଥିଲେ। ସଦାସର୍ବଦା ବ୍ୟସ୍ତବହୁଳ ଓ ଜନଗହଳିପୂର୍ଣ୍ଣ ନୂଆ ବସଷ୍ଟାଣ୍ଡରେ ବସ ନଥିବା ଯୋଗୁଁ ଖାଲି ପଡ଼ିବା ପରେ ସେଠାରେ ପିଲାମାନେ କ୍ରିକେଟ ଖେଳିବା ଆରମ୍ଭ କରିଦେଇଛନ୍ତି।

ନୂଆ ବସ୍‌ଷ୍ଟାଣ୍ଡକୁ ବନ୍ଦ କରାଯାଇ ଡୁଡୁମା କଲୋନୀ ଠାରେ ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ଫଳରେ ସହରର ଟ୍ରାଫିକ ସମସ୍ୟାର ଯଥେଷ୍ଟ ସମାଧାନ ହୋଇପାରିଛି। ଟ୍ରାଫିକ ସମସ୍ୟାର ସମାଧାନ ସହିତ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରାଫିକ ଥାନା ସମେତ ସମସ୍ତ ଥାନା ଅଧିକାରୀଙ୍କୁ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଉଭୟ ଡୁଡୁମା କଲୋନୀ ବସଷ୍ଟାଣ୍ଡ ଓ ହଳଦିଆପଦର ବସଷ୍ଟାଣ୍ଡ ଇଲାକାରେ ନାଇଟ୍ ପାଟ୍ରୋଲିଂ ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ତେବେ ଯାତ୍ରୀଙ୍କୁ ମଧ୍ୟ ନିଜ ସୁରକ୍ଷା ସହିତ ନିଜ ସାମଗ୍ରୀ ପ୍ରତି ଯତ୍ନବାନ ହେବା ଜରୁରୀ। କୌଣସି ପରିସ୍ଥିତିରେ ଯାତ୍ରୀ ନିଜକୁ ଅସୁରକ୍ଷିତ ମଣିଲେ ତୁରନ୍ତ ପୁଲିସକୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ସେପଟେ ହଳଦିଆପଦର ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ସେଠାରେ ଏପର୍ଯ୍ୟନ୍ତ ପୁଲିସ ଫାଣ୍ଡି ପ୍ରତିଷ୍ଠା କରାଯାଇନାହିଁ। ପ୍ରଥମ ଦିନରେ ବିଭିନ୍ନ ରୁଟରେ ବସ ଚଳାଚଳ ସମ୍ଭବପର ହୋଇନଥିବା ଜଣାପଡିଛି। କେବଳ କଟକ ଓ ଭୁବନେଶ୍ୱର ବସ ସହ ଆନ୍ଧ୍ର ଅଭିମୁଖେ ଯାତାୟତ କରୁଥିବା କିଛି ବସ୍ ଯାତାୟତ କରିଥିଲା। ପୁରୁଷୋତ୍ତମପୁର ରୁଟରେ ଆସୁଥିବା ବସ ପାଇଁ ସମସ୍ୟା ରହିଥିବା ବେଳେ ପ୍ରଥମ ଦିନରେ ହଳଦିଆପଦର ଓ ଡୁଡୁମା କଲୋନୀ ଠାରେ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଯାତ୍ରୀଙ୍କୁ। ତେବେ ନୂଆ ବସଷ୍ଟାଣ୍ଡକୁ ବନ୍ଦ କରି ଅସ୍ଥାୟୀ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ ନେଇ ପ୍ରଶାସନର ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ମେଣ୍ଟୁଛକ ରାସ୍ତା ଚାରି ଛକିଆ ହୋଇଥିବା ବେଳେ ରାସ୍ତା ମଧ୍ୟ ସଂକୀର୍ଣ୍ଣ ଏଣୁ ଅନ୍ଧପସରା ଠାରୁ ମେଣ୍ଟୁ ଛକ ଦେଇ ଫାଷ୍ଟଗେଟକୁ ବାହାରିବା ରୁଟରେ ପରିବର୍ତ୍ତନ ଜରୁରୀ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିପାଇଁ ଜମି ଅଧିଗ୍ରହଣ ସହ ରାସ୍ତାକୁ ପ୍ରଶସ୍ତ କରିବା ଆବଶ୍ୟକ। ସହରର ତଥା ସହରବାସୀଙ୍କ ଦିର୍ଘ ଦିନର ସମସ୍ୟାର ସମାଧାନ ପାଇଁ ଗେଟବଜାର ଓଭର ବ୍ରିଜ ନିର୍ମାଣ କରାଯାଉଛି। ଏଥିପାଇଁ ଉକ୍ତ ରାସ୍ତାରେ ଭାରୀଯାନ ଚଳାଚଳ ହେଲେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏହି କାରଣରୁ ସହର ମଧ୍ୟରେ ଥିବା ନୂଆ ବସଷ୍ଟାଣ୍ଡ ବା ସିଟି ବସଷ୍ଟାଣ୍ଡକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି ପ୍ରଶାସନ। ଏଥି ସହିତ ବିକଳ୍ପ ଭାବେ ହଳଦିଆପଦର ଓ ଡୁଡୁମା କଲୋନୀ ଠାରେ ଅସ୍ଥାୟୀ ବସଷ୍ଟାଣ୍ଡ ପ୍ରତିଷ୍ଠା କରାଯାଇଛି। ଏହାକୁ କାର୍ଯ୍ୟକ୍ଷମ କରିବା ପୂର୍ବରୁ ବିଭିନ୍ନ ଷ୍ଟେକ ହୋଲଡରଙ୍କ ସହିତ ବାରମ୍ବାର ଆଲୋଚନା କରାଯିବା ସହିତ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା କରାଯାଇଛି। ସମସ୍ତଙ୍କ ଠାରୁ ପୂର୍ଣ୍ଣ ସହଯୋଗ ମିଳିଥିବା ବେଳେ ପ୍ରଥମ ଦିନରେ କିଛି ସମସ୍ୟା ଦେଖିବାକୁ ମିଳିଥିଲା। ଯାହାର ତୁରନ୍ତ ସମାଧାନ କରାଯାଇଛି। କିଛି ସ୍ଥାନରେ ଜବରଦଖଲ ଯୋଗୁ ସୃଷ୍ଟି ହୋଇଥିବା ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରାରମ୍ଭିକ ଭାବେ ଯଦିଓ ଏହି ନୂତନ ବ୍ୟବସ୍ଥାକୁ ନେଇ କିଛି ସମସ୍ୟା ଦେଖାଯିବ ତେବେ କ୍ରମଶଃ ଅଭ୍ୟାସରେ ପରିଣତ ହେବ ଏବଂ ସବୁ ଠିକ ହୋଇଯିବ। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସହରର ବିଭିନ୍ନ ରୁଟରେ ଅଧିକ ସଂଖ୍ୟକ ଆମ ବସ ଚାଲୁ କରିବାକୁ କ୍ରୁଟ ସହିତ ଆଲୋଚନା କରାଯାଇଛି। ପ୍ରଥମତଃ ଗେଟବଜାର ଠାରୁ ଫାଷ୍ଟଗେଟ ପର୍ଯ୍ୟନ୍ତ ଲାଗି ରହିଥିବା ଟ୍ରାଫିକ ସମସ୍ୟାରୁ ସହରବାସୀ ମୁକୁଳି ପାରିଛନ୍ତି। ଉଭୟ ବସଷ୍ଟାଣ୍ଡରେ ଯାତ୍ରୀଙ୍କ ସୁବିଧା ପାଇଁ ଆହାର କେନ୍ଦ୍ର ଖୋଲିବାକୁ ପ୍ରଶାସନ ସହିତ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ନୂଆ ବସ୍‌ଷ୍ଟାଣ୍ଡରେ ଦୀର୍ଘ ୪୦ବର୍ଷ ଧରି ବ୍ୟବସାୟ କରି ଆସୁଥିବା ତଥା ବିଇଡିଏ ଲିଜଧାରୀ ଶତାଧିକ ଦୋକାନୀ ସେମାନଙ୍କ କାରବାର ଚାଲୁ ରଖିବେ। ସେମାନଙ୍କ ଭଡ଼ା ବାବଦରେ କର୍ତ୍ତୃପକ୍ଷ ବୈଠକରେ ଆଲୋଚନା କରାଯିବ ଓ ସେମାନଙ୍କ ପାଇଁ କିପ୍ରକାର ବ୍ୟବସ୍ଥା କରାଯିବ ସେନେଇ ଆଲୋଚନା କରାଯିବ। ପରିସ୍ଥିତିର ସୁଯୋଗ ନେଇ ଯଦି କୌଣସି ଅଟୋ ରିକ୍ସା ଚାଳକ ଯାତ୍ରୀଙ୍କ ଠାରୁ ଚଢ଼ା ଦର ଦାବି କରନ୍ତି ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ସ୍ୱତନ୍ତ୍ର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ବର୍ତ୍ତମାନ ପ୍ରତି ୨୦ମିନିଟରେ ବିଭିନ୍ନ ରୁଟରେ ବସ ଚଳାଚଳ କରୁଥିବା ବେଳେ ଉଭୟ ବସଷ୍ଟାଣ୍ଡରେ ପାନୀୟ ଜଳଯୋଗାଣ, ବିଦ୍ୟୁତିକରଣ ସହିତ ସୁରକ୍ଷା ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଉଥିବା କହିଛନ୍ତି ବିଇଡିଏ ଉପାଧ୍ୟକ୍ଷ ତଥା ବିଏମସି କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍। ସେହିଭଳି ଆଗକୁ ସହରରେ ପ୍ରସ୍ତାବିତ କମ୍ପାପଲ୍ଲୀ ଓଭରବ୍ରିଜ, ରିଂ ରୋଡ ଓ ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ନାଳ ବ୍ୟବସ୍ଥା ଓ ରାସ୍ତାଘାଟ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସହରର ଚିତ୍ର ବଦଳିଯିବ ବୋଲି କହିଛନ୍ତି ବିଇଡିଏ ଉପାଧ୍ୟକ୍ଷ।








**ମହେନ୍ଦ୍ରଗିରିରେ ଅଶାନ୍ତି ଘଟଣା** | **ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲା ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷାମଞ୍ଚ**

# 'ଅନୁପ୍ରବେଶକାରୀ ଅଞ୍ଚଳରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି'



ପାରଳାଖେମୁଣ୍ଡି, ୭ ।୩(ସମିସ): ମହେନ୍ଦ୍ରଗିରି ପର୍ବତ ଏକ ପବିତ୍ର ଧାର୍ମିକ ସ୍ଥଳ ହେବା ସହ ଆଦିବାସୀ ସମ୍ପ୍ରଦାୟର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଗଭୀର ଭାବେ ଜଡିତ । ହେଲେ ଗତ କିଛିବର୍ଷ ହେଲା ଏଠାରେ କିଛି ଅନୁପ୍ରବେଶକାରୀଙ୍କ ଉପସ୍ଥିତି ଯୋଗୁ ସ୍ଥାନୀୟ ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି । ସେମାନଙ୍କ ପାଇଁ ଉତ୍ତେଜନା, ଭଙ୍ଗାରୁଜା, ମାର୍‌ପିଟ୍ ଭଳି ଅଘଟଣ ଘଟୁଛି । ପ୍ରଶାସନିକ କର୍ତ୍ତୃତ୍ୱ ନଥିବା ଯୋଗୁଁ ଏପରି ଅଶାନ୍ତ ପରିବେଶ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । କିଛିଦିନ ପୂର୍ବେ ଇକୋରିସୋର୍ଟସ ଭଙ୍ଗାରୁଜାକୁ ନେଇ ଗାରାବନ୍ଧା ଥାନାରେ ମାମଲା ରୁଜୁ ହୋଇଛି ।

ଶୁକ୍ରବାର ଭଙ୍ଗାରୁଜା କରିଥିବା ଦୁର୍ବୃତ୍ତଙ୍କୁ ଗିରଫ ପାଇଁ ଦାବି କରି ମହେନ୍ଦ୍ରଗିରି ଇକୋ ଡେଭେଲପମେଣ୍ଟ କମିଟି ଏବଂ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ବେଳେ ଆଜି ସନ୍ଧ୍ୟାରେ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷାମଞ୍ଚ ପ୍ରଶାସନର ଦ୍ୱାରସ୍ଥ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ମଞ୍ଚ ଅଭିଯୋଗ କରିଛି ଯେ, ମହେନ୍ଦ୍ରଗିରି ପୂଜା କମିଟି, ବାରଘର ଆଦିବାସୀ ବର୍ଷ ବର୍ଷ ଧରି ପରମ୍ପରାଗତ ଭାବରେ ପୂଜା ଅର୍ଚ୍ଚନା ଓ ଧାର୍ମିକ କାର୍ଯ୍ୟକଳାପ ସହ ଏହାର ସୁରକ୍ଷା ପିତୃପୁରୁଷ କାଳରୁ କରି ଆସୁଛନ୍ତି । ଅନ୍ୟପଟେ ମହେନ୍ଦ୍ରଗିରି ସାଂସ୍କୃତିକ କମିଟି ରହିଛି । ଏହି ପୂଜ୍ୟ କାର୍ଯ୍ୟ କରିବା ଆମ ପାଇଁ ଏକ ଗୌରବର ବିଷୟ ଥିଲା । ଦୁର୍ଭାଗ୍ୟର ବିଷୟ ଆଦିବାସୀଙ୍କ ଏକତା ଓ ବିଶ୍ୱାସକୁ କୁଠାରାଘାତ କରାଯାଉଛି । ବର୍ତ୍ତମାନ କିଛି ଅନୁପ୍ରବେଶକାରୀ ଅବୈଧ ବସ୍ତି ସ୍ଥାପନ କରି ବିଭିନ୍ନ ସମୟରେ ଗୁଣ୍ଡା ଓ ମାଫିଆଙ୍କୁ ପଠାଇ ପୂଜାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଏହାସହିତ କିଛି ଉଚ୍ଚପଦସ୍ଥ ପ୍ରଭାବଶାଳୀ କ୍ଷମତାସୀନ ମୁଷ୍ଟିମେୟ ରାଜନେତା ଓ ରାଜ୍ୟର ଜଣେ ବରିଷ୍ଠ ମନ୍ତ୍ରୀ ନିଜ ସ୍ୱାର୍ଥ ସାଧନା ନିମନ୍ତେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ସମସ୍ତ ନିୟମାବଳୀକୁ ଉଲ୍ଲଂଘନ କରି ସେଠାରେ ଉନ୍ନୟନମୂଳକ କାର୍ଯ୍ୟ ନାମରେ ମାଡବା ଓ ବଡ଼ମାସିଂ ଗ୍ରାମର କିଛି ବ୍ୟକ୍ତିବିଶେଷଙ୍କ ସହାୟତାରେ ବିଭିନ୍ନ ସ୍ଥାନରେ ଖୋଳାଖୋଳି କରି କୃତ୍ରିମ ଲିଙ୍ଗ ଓ ମୂର୍ତ୍ତି ସ୍ଥାପନ କରି ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ପରିବେଶ ଓ ଧାର୍ମିକ ଭାବାବେଗକୁ ନଷ୍ଟ କରୁଛନ୍ତି । ଫଳରେ ଏଠାରେ ଥିବା ଦୁର୍ଲଭ ଔଷଧୀୟ ବୃକ୍ଷ, ଲତା, ଗୁଳ୍ମ ଓ ପ୍ରାଚୀନ ଲିଙ୍ଗ, ମୂର୍ତ୍ତି ଆଦି ନଷ୍ଟ ହେଉଛି । ଏହାସହ ଏକ ଆଶ୍ରମ ନାମରେ କିଛି ସାଧୁ ବେଶଧାରୀ ଗୁଣ୍ଡା ଶ୍ରେଣୀୟ ଅସାମାଜିକ ବ୍ୟକ୍ତି ସେଠାରେ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ଯେପରିକି ମଦ, ମାଂସ, ଗଂଜେଇ ବ୍ୟବ୍‌ହାର କରିବା ସହ ମୂର୍ତ୍ତି, ଲିଙ୍ଗ ଓ ଔଷଧୀୟ ବୃକ୍ଷ ଚୋରା ଚାଲାଣ କରୁଛନ୍ତି । ସ୍ଥାନୀୟ ପ୍ରଶାସନର କିଛି ତଳସ୍ତରୀୟ କର୍ମଚାରୀଙ୍କୁ ହାତ କରି ଏହିସବୁ ଅବୈଧ କାର୍ଯ୍ୟକଳାପ କରାଯାଉଥିବା ଅଭିଯୋଗ କରାଯାଇଛି । ଏହି ସମସ୍ତ କାର୍ଯ୍ୟ ମାଧ୍ୟମରେ ସ୍ଥାନୀୟ ଆଦିବାସୀଙ୍କ ସମ୍ପତ୍ତି, ସମ୍ମାନ, ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଅଧିକାରକୁ ପୂର୍ଣ୍ଣ ଭାବରେ ଦଳି ଚକଟି କରି କ୍ଷୁଣ୍ଣ କରାଯାଉଛି । ଏହାକୁ ସ୍ଥାନୀୟ ପୂଜାରୀ ଓ ଅଞ୍ଚଳବାସୀ ସ୍ୱର ଉତ୍ତୋଳନ କଲେ ବିଭିନ୍ନ ସମୟରେ ଆମକୁ ଦୁର୍ବୃତ୍ତ ଆଖ୍ୟା ଦେଇ ମିଥ୍ୟା ମକଦମା ରୁଜୁ କରି ହଇରାଣ ହରକତ କରାଯାଉଥିବା କୁହାଯାଇଛି । ଏଥିସହ ଗୁଣ୍ଡା ପଠାଇ ଜୀବନରେ ମାରିଦେବା ପାଇଁ ଧମକ ଦିଆଯାଉଛି । ଏଭଳି ଅସାମାଜିକ କାର୍ଯ୍ୟ ଯୋଗୁ ବିଭିନ୍ନ ସମୟରେ ପୂଜାବିଧି ଓ ଦେବନୀତି କାର୍ଯ୍ୟରେ ବ୍ୟାଘାତ ହେବା ସହିତ ପୂଜାରୀ ପରିବାର ଅସୁରକ୍ଷିତ ହୋଇପଡିଥିବା ଅଭିଯୋଗ କରାଯାଇଛି । ମହେନ୍ଦ୍ରାଞ୍ଚଳ ଆଦିବାସୀଙ୍କ ସାମାଜିକ ସୁରକ୍ଷା, କୌଳିକ ପ୍ରଥା, ରୀତିନୀତି, ପୂଜା ବିଧି, ସଂସ୍କୃତି ଓ ପରମ୍ପରାର ଅଧିକାରକୁ ନିଶ୍ଚିନ୍ତ କରାଯିବା ପାଇଁ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି । ମହେନ୍ଦ୍ରଗିରି ଅଞ୍ଚଳରେ ଘଟୁଥିବା ସମସ୍ତ ଘଟଣାର ପ୍ରଶାସନିକ ସ୍ତରରେ ତଦନ୍ତ କରି ଅନୁପ୍ରବେଶକାରୀଙ୍କ ଅବୈଧ କାର୍ଯ୍ୟକଳାପ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ ସହ ସ୍ଥାନୀୟ ଆଦିବାସୀ ଓ ପୂଜାରୀଙ୍କୁ ସୁରକ୍ଷା ଏବଂ ନ୍ୟାୟ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି । ସ୍ମାରକପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ଗ୍ରହଣ କରିଥିବା ବେଳେ ବିଶ୍ୱାବସୁ ସଂସ୍କୃତି ସୁରକ୍ଷା ମଞ୍ଚର ସଭାପତି ସୁରେନ୍ଦ୍ର ମଣ୍ଡଳ, ମହେନ୍ଦ୍ରଗିରି ପୂଜା କମିଟିର ସଭାପତି ଏସ୍.କେ. ଶବର, ସମ୍ପାଦକ ନିରଞ୍ଜନ ଜାନୀଙ୍କ ସମେତ ରାୟଗଡ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ ଉପସ୍ଥିତ ଥିଲେ ।

## ପର୍ଯ୍ୟଟନ ସଚିବଙ୍କ ଦାରିଙ୍ଗବାଡ଼ି ଗସ୍ତ

ଦାରିଙ୍ଗବାଡି,୭।୩(ସମିସ): ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂ ଶନିବାର ଦାରିଙ୍ଗବାଡି ବ୍ଲକ ଗସ୍ତ କରି ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ସ୍କୁଲ ଏବଂ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ଦେଖିବା ସହ ଷ୍ଟେ ହୋମ ପଲିସି ନେଇ ଲୋକଙ୍କ ସହ ଆଲୋଚନା କରିଥିଲେ । ପ୍ରଥମେ ଲଭର୍ସ ପଏଣ୍ଟରେ ପହଞ୍ଚି ଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ସଚିବଙ୍କୁ ସ୍ୱାଗତ କରାଯାଇଥିଲା । ଏହାପରେ ବ୍ଲକ ସଭାଗୃହରେ ଷ୍ଟେହୋମ ପଲିସି ସମ୍ପର୍କରେ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକରେ ଷ୍ଟେ ହୋମ ପଲିସି ବିଷୟରେ ସଚିବ ଲୋକଙ୍କୁ ବୁଝାଇଥିଲେ । ବୈଠକ ପ୍ରାରମ୍ଭରୁ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ଅଞ୍ଚଳ ସ୍ଥିତି ଲୋକଙ୍କ ଜୀବନ ଶୈଳୀ ପର୍ଯ୍ୟଟନ ସ୍ଥଳ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଦାରିଙ୍ଗବାଡିରେ ରହିଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଗୁଡିକର ଉନ୍ନୟନ କାର୍ଯ୍ୟ ହେବା ନେଇ ସଚିବ କହିଥିବା ବେଳେ ଅଞ୍ଚଳଙ୍କୁ ସ୍ୱଚ୍ଛ ରଖିବା ପାଇଁ କହିଥିଲେ । ଏହାପରେ ସଚିବ ଦାରିଙ୍ଗବାଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯାଇଥିଲେ । ପରେ କଫି ବଗିଚା ବୁଲି ଦେଖିଥିଲେ । କମିଶନରଙ୍କ ଏହି ଗସ୍ତ ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପ ଜିଲ୍ଲାପାଳ ପ୍ରଣୀତା ଦାସ, ସମିତି ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ବିଡ଼ିଓ ପ୍ରୀତି ରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ର ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀନିବାସ ଷଡ଼ଙ୍ଗୀ ଉପସ୍ଥିତି ରହିଥିଲେ । ପର୍ଯ୍ୟଟନ ବିକାଶ ଉପରେ ଉପସ୍ଥିତ ସମସ୍ତ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ ।

## କରଡ଼ାସିଂ ଗ୍ରାମରେ ମାତୃ ସମ୍ମିଳନୀ



ରାୟଗଡ଼,୭ ।୩(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧିନ କରଡ଼ାସିଂ ଗ୍ରାମରେ ପାରଳା ଜାରା ଶବର କୁଳ ସଂସ୍କାର ସମିତି ପକ୍ଷରୁ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଭାପତି ନନ୍ଦ ରାଗସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଳ ମହାସଚିବ ରାଧାକୃଷ୍ଣ ଜାନି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସରପଞ୍ଚ ଉମାକାନ୍ତ ଭୁମଲ, କୂଳର ଉପଦେଷ୍ଟା ଶିବ ଶଙ୍କର ଭୂୟାଁ, ନୀଳାମ୍ବର ବେହେରା, ସମ୍ପାଦକ ପ୍ରଫୁଲ୍ଲ କୁମାର ରଇତ, ସଙ୍ଗଠନ ସମ୍ପାଦକ ଶରତ ପାତ୍ର, ଗଣେଶ ଭୂୟାଁ ମଞ୍ଚାସୀନ ଥିଲେ । ମା ମାନଙ୍କର ନିଜର କର୍ତ୍ତବ୍ୟ ଦାୟିତ୍ୱ ଦ୍ୱାରା ଆମ କୁଳ ସମାଜ ବା ସମଗ୍ର ସମାଜ ପରିବର୍ତ୍ତ ର ପ୍ରେରଣାର ଉତ୍ସ ହେବା ସହ ଆମ ସମାଜର ସୁନ୍ଦର ପରିବାର ଓ ସ୍ୱାସ୍ଥ୍ୟ ଗଠନ ସହାୟକ ହେବା ଏବଂ ସର୍ବପରି ନିଜର ସୁଚିନ୍ତିତ ଦିଗଦର୍ଶନ ଦ୍ୱାରା କୁଳର ସର୍ବାଙ୍ଗୀନ ବିକାଶର ଗତିଶୀଳ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଏନେଇ ଶପଥ ପାଠ କରାଯାଇଥିଲା । ଏଥିରେ ସମାଜର ଶତାଧିକ ମାତୃମଣ୍ଡଳୀ ଯୋଗ ଦେଇଥିଲେ ।

## ଅତିରିକ୍ତ ଶ୍ରେଣୀ ଗୃହ ଓ କମ୍ୟୁନିଟି ହଲ୍ ଉଦ୍‌ଘାଟିତ



ପାରଳାଖେମୁଣ୍ଡି,୭ ।୩ (ସମିସ): ଗୋଷାଣି ବ୍ଲକ ଶରଧାପୁର ପଞ୍ଚାୟତର ସଦରମହକୁମାରେ ଥିବା ସରକାରୀ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଏବଂ ଗ୍ରାମବାସୀଙ୍କ ପାଇଁ ଏକ କମ୍ୟୁନିଟି ହଲର ଉଦଘାଟନ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ଜିଲ୍ଲାପରିଷଦ ସଦସ୍ୟ ଏସ୍.ବାଲାରାଜୁ, ଶରଧାପୁର ସରପଞ୍ଚ ସିଏଚ୍. ପ୍ରସାଦଙ୍କ ସମେତ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଟିକାବାଲି,୭।୩(ସମିସ): ଟିକାବାଲି ଥାନାରେ ନୂତନ ଥାନା ଅଧିକାରୀ ଭାବେ ସମୀର କୁମାର ବେହେରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପୂର୍ବରୁ ଏଠାରେ କାର୍ଯ୍ୟରତ ଥିବା ଥାନା ଅଧିକାରିଣୀ ପି.ଆର.କରଙ୍କୁ ଫୁଲବାଣୀ ଟାଉନ ଥାନାକୁ ବଦଳି କରାଯିବା ପରେ ଶ୍ରୀ ବେହେରା ଏହି ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ନେବା ପରେ ଶ୍ରୀ ବେହେରା ଟିକାବାଲି ପ୍ରେସ ଆସୋସିଏସନର ସଦସ୍ୟଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ନୂତନ ଥାନା ଅଧିକାରୀଙ୍କୁ ପ୍ରେସ ଆସୋସିଏସନ ପକ୍ଷରୁ ସ୍ୱାଗତ କରାଯିବା ସହ ଶୁଭେଚ୍ଛା ଜଣାଯାଇଛି ।

## କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ନେଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୭ ।୩(ସମିସ): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହାଙ୍କ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାରଳାଖେମୁଣ୍ଡି ସ୍ଥିତ ଏସ୍‌ଏ ଫଙ୍କସନ ହଲରେ ଡିଆରସିଏସ୍ ହରିହର ସେଠଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, କୃଷକ ନେତା ପ୍ରଶାନ୍ତ କୁମାର ପାଳ, ଆର୍‌ଏମସି ସେକ୍ରେଟାରୀ ରେବତୀ ମୋହନ ରାଉତ ଓ ଏସ୍‌ଆରସିଏସ୍ ପଙ୍କଜ ନାୟକ ମଞ୍ଚାସୀନ ଥିଲେ । ଏହି ଅବସରରେ ଜିଲ୍ଲାରେ ଥିବା ବିଭିନ୍ନ ପ୍ରାଥମିକ ସମବାୟ ସମିତି କେନ୍ଦ୍ର ପକ୍ଷରୁ ୧୬ ଜନସେବା କେନ୍ଦ୍ରର ଉଦ୍‌ଘାଟନ ହୋଇଯାଇଛି । ଏନେଇ ଡିଆରସିଏସ୍ ଶ୍ରୀ ସେଠ୍ କହିଛନ୍ତି ଯେ




ସମବାୟ ସମିତି ପକ୍ଷରୁ ପ୍ରତି ପଞ୍ଚାୟତରେ ଏଭଳି ଜନସେବା କେନ୍ଦ୍ର ଖୋଲାଯିବ । ବର୍ତ୍ତମାନ ପ୍ରାଥମିକ ଭାବେ ୧୬ କେନ୍ଦ୍ର ଆଜି ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ରଶ୍ମିତା ସାମଲ ମଞ୍ଚ ପରିଚାଳନା କରିଥିବାବେଳେ, ପ୍ରାଥମିକ ସମବାୟ ସମିତି ସମ୍ପାଦକ ଇ.ରାମ ପ୍ରସାଦ, ବାବୁଲି ସାମଲଙ୍କ ସମେତ ଲ୍ୟାମ୍ପସ ଓ ପ୍ୟାକସ୍ କର୍ମଚାରୀ ଓ ଚାଷୀ ଭାଇ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା ।

## ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୭ ।୩ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଆଦର୍ଶ ଥାନା ପରିସରରେ ସାଇବର୍ ଓ ଅର୍ଥନେତିକ ଅପରାଧ ଥାନା ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ ।

ଉଦ୍‌ଘାଟନୀ ସମୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ବନଖଣ୍ଡ ଅଧିକାରୀ କେ. ନାଗରାଜୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି,



ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, କାଶୀନଗର ବ୍ଲକ ଅଧକ୍ଷା ବାଲା ସାୟାମ୍ମା, ପାରଳାଖେମୁଣ୍ଡି ଉପଖଣ୍ଡ ଅଧୀକ୍ଷକ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି, ଜିଲ୍ଲା କୋର୍ଟର ଭାରପ୍ରାପ୍ତ କ୍ୟାଡର ଅଭିଯୋଜନ ଅଧିକାରୀ ରାଜେଶ କୁମାର ମିଶ୍ର, ସରକାରୀ ଓକିଲ ଏମ୍. ପୃଥ୍ୱୀରାଜ, ୟେ ଡାଲା ଶିବାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ



ପାରଳାଖେମୁଣ୍ଡି,୭ ।୩(ସମିସ): ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡି କ୍ୟାମ୍ପସର ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା ସ୍କୁଲ, ସହ ନର୍ସିଂ ସ୍କୁଲର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମ 'ଗିଭ୍ ଟୁ ଗେନ୍' ବିଷୟବସ୍ତୁ ସହିତ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣ, ସମାନତା ଏବଂ ସୁଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ଶ୍ରୀକାକୁଲମ ସ୍ଥିତ କିମ୍ସ ହସ୍ପିଟାଲର ପରାମର୍ଶଦାତା ତଥା ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସୁକନ୍ୟା ସାନପାଳ ମହିଳାମାନଙ୍କ ସ୍ୱାସ୍ଥ୍ୟ, ପରିଷ୍କାର ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱ ବିଷୟରେ କହିଥିଲେ । ପାରଳାଖେମୁଣ୍ଡି ସ୍ଥିତ ଏସଡବ୍ଲ୍ୟୁଡବ୍ଲ୍ୟୁଏସ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଓସାକ୍ସ ଟିଆଇ ପ୍ରୋଜେକ୍ଟର ପରିଚାଳିକା ପି. ସୁନିତା, ସଚେତନତା, ସହାୟତା ପ୍ରଣାଳୀ ଏବଂ ମହିଳାମାନଙ୍କ ପାଇଁ ଉପଲବ୍ଧ ସୁଯୋଗ ସମ୍ପର୍କରେ କହିଥିଲେ । ଏହି ଅବସରରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ର, ପ୍ରଶାସନିକ ନିର୍ଦ୍ଦେଶକ ଡ. ଦୁର୍ଗା ପ୍ରସାଦ ପାଢ଼ୀ, ଏନଏସଏସ ସମନ୍ୱୟ କାର୍ଯ୍ୟକ୍ରମ ଅଧିକାରୀ ଡ. ନିହାଲ ଆର., ନର୍ସିଂ ସ୍କୁଲର ପ୍ରିନ୍ସିପାଲ୍ ଡ. ଏସ. ଏନ. ସନ୍ଧ୍ୟା ଏବଂ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସର ଆସୋସିଏଟ୍ ଡିନ୍ ତଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଡ. ପ୍ରଜ୍ଞା ପାଣିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

## ଫୁଲବାଣୀ ସିଭିଲ ସର୍ଭିସ୍ କୋଚିଂ ସେଣ୍ଟରର ପରିଦର୍ଶନ କଲେ ପର୍ଯ୍ୟଟନ ସଚିବ



● **ଛାତ୍ରଛାତ୍ରୀଙ୍କୁ ଦେଲେ ସଫଳତାର ଗୁରୁମନ୍ତ୍ର**
● **ସିଏସ୍‌ଆର୍ ପାଣ୍ଠିର ସଠିକ୍ ବିନିଯୋଗକୁ ନେଇ ସନ୍ତୋଷ ବ୍ୟକ୍ତ**

ଫୁଲବାଣୀ,୭।୩(ସମିସ): ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ବିଭାଗ କମିଶନର ତଥା ସଚିବ ବଳବନ୍ତ ସିଂ ଆଜି ଦୁଇ ଦିନିଆ କନ୍ଧମାଳ ଗସ୍ତରେ ଆସି ଫୁଲବାଣୀ ସ୍ଥିତ ସର୍କିଟ ହାଉସରେ ପହଞ୍ଚିଥିଲେ । ସ୍ଥାନୀୟ ବୃଦ୍ଧାଶ୍ରମ ବୁଲି ଦେଖିବା ପରେ ଅପରାହ୍ନରେ ଜିଲ୍ଲା ସିଭିଲ ସର୍ଭିସ୍ କୋଚିଂ ସେଣ୍ଟରର ପରିଦର୍ଶନ କରିଥିଲେ । ସଚିବଙ୍କ ଏହି ପରିଦର୍ଶନ ସମୟରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣୀତା ଦାସ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ସାଙ୍ଗରେ ରହିଥିଲେ । ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ କୋଚିଂ ସେଣ୍ଟରର ପ୍ରତିଷ୍ଠା ଓ ଏହାର କାର୍ଯ୍ୟକାରିତା ବିଷୟରେ ସୂଚନା ଦେଇଥିଲେ । ସେହିପରି ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଶିବ ସୁନ୍ଦର ସାହୁ କେନ୍ଦ୍ରର ପରିଚାଳନା ଓ ସଫଳତା ସମ୍ପର୍କରେ ବିବରଣୀ ରଖିଥିଲେ । ସିଭିଲ ସର୍ଭିସ୍ ଆଶାୟୀଙ୍କ ସହ ସିଧାସଳଖ ଆଳାପ ସଚିବ ବଳବନ୍ତ ସିଂ କୋଚିଂ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରସ୍ତୁତି ଓ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ସଚିବଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରିଥିଲେ । ବିଶେଷକରି ସିଭିଲ ସର୍ଭିସ ପରୀକ୍ଷାରେ ବିଫଳ ହେବା ପରେ ପୁଣି ଥରେ କିଭଳି ମନୋବଳ ଦୃଢ଼ କରି ପ୍ରସ୍ତୁତି କରିବେ, କନ୍ଧମାଳ ଭଳି ଅନୁନ୍ନତ ଅଞ୍ଚଳରୁ ସର୍ବଭାରତୀୟ ସ୍ତରର ପରୀକ୍ଷାରେ ସଫଳତା କେତେଦୂର ସମ୍ଭବ ଏବଂ ପ୍ରିଲିମ୍ସ, ମେନ୍ସ ଓ ଇଣ୍ଟରଭିୟୁ ପାଇଁ ସମୟର ସଠିକ୍ ପରିଚାଳନା କିପରି ହେବ, ସେ ନେଇ ପଚାରିଥିଲେ । ସଚିବ ବଳବନ୍ତ ସିଂ, ଉପଜିଲ୍ଲାପାଳ ପ୍ରଣୀତା ଦାସ ଓ ଜିଲ୍ଲାପାଳ ବେଦଭୂଷଣ ଛାତ୍ରଛାତ୍ରୀଙ୍କ ସମସ୍ତ ପ୍ରଶ୍ନର ଅତି ସରଳ ଓ ସନ୍ତୋଷଜନକ ଉତ୍ତର ଦେଇଥିଲେ । ସଚିବ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ସହ ନିଜର ଶାରୀରିକ ସ୍ୱାସ୍ଥ୍ୟ, ସୁଷମ ଖାଦ୍ୟ ଓ କ୍ରୀଡ଼ା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ, ସଚିବ ପୂର୍ବରୁ ଓଡ଼ିଶା ଖଣି ନିଗମରେ ଥିବା ସମୟରେ ୨୦୨୩ ମସିହାରେ ଏହି କୋଚିଂ ସେଣ୍ଟର୍ ପାଇଁ ଅନୁଦାନ ମଞ୍ଜୁର କରିଥିଲେ । ଏହି ଅନୁଦାନର ସଠିକ୍ ଉପଯୋଗ ଓ କେନ୍ଦ୍ରର ସଫଳତା ଦେଖି ସେ ବେଶ୍ ଖୁସି ବ୍ୟକ୍ତ କରିଥିଲେ ।

● କୈବର୍ତ୍ତ କେଉଟ ସମାଜରେ ସାଂଗଠନିକ ଅବ୍ୟବସ୍ଥା

## ଜିଲ୍ଲା ସମ୍ପାଦକ ଆଣିଲେ ଗୁରୁତର ଅଭିଯୋଗ

ଟିକାବାଲି,୭।୩(ସମିସ): କନ୍ଧମାଳ ଜିଲ୍ଲା କୈବର୍ତ୍ତ କେଉଟ ସମାଜର ସାଙ୍ଗଠନିକ ଅବ୍ୟବସ୍ଥା ଏବଂ ଆଇନଗତ ବିବାଦ ଚରମ ସୀମାରେ ପହଞ୍ଚିଛି । ସଂଗଠନର ସମ୍ବିଧାନକୁ ଅଣଦେଖା କରାଯାଇ ଅସାମ୍ବିଧାନିକ ଭାବେ କମିଟି ଗଠନ କରାଯାଉଥିବା ନେଇ ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ଦଳବେହେରା ଗୁରୁତର ଅଭିଯୋଗ ଆଣିଛନ୍ତି । ଶୁକ୍ରବାର ଦିନ ପଣସପଦରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସମାଜର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି । ଶ୍ରୀ ଦଳବେହେରାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୩ ମସିହା ସ୍ନାନ ପୂର୍ଣ୍ଣିମା ସମୟରେ



ଟିକାବାଲି ବ୍ଲକର ଗୁମାଲ ମେଣ୍ଡିରେ ଆୟୋଜିତ ବୈଠକକୁ ନେଇ ବିଭ୍ରାନ୍ତିକର ତଥ୍ୟ ପ୍ରଚାର କରାଯାଇଥିଲା । ଜିଲ୍ଲା ସଭାପତି ନଟବର ନାୟକଙ୍କ ଅନୁମତି ନଥାଇ କିଛି ବ୍ୟକ୍ତିବିଶେଷ ମିଥ୍ୟା ସୂଚନା ଦେଇ ଲୋକଙ୍କୁ ଉତ୍ତ୍ୟକ୍ତ କରିଥିଲେ । ଏହି ଘଟଣା ପରଠାରୁ ସମାଜରେ ବାଛନ୍ଦ ଭଳି କୁପ୍ରଥା ସୃଷ୍ଟି ହୋଇଛି, ଯାହାଫଳରେ ସମାଜର ବିକାଶମୂଳକ କାର୍ଯ୍ୟ ବନ୍ଦ ହୋଇଯାଇଛି । ଏହି ବିବାଦରେ ପୂର୍ବରୁ କନ୍ଧମାଳ ଏସପି ଓ ଏସଡିପିଓ ହସ୍ତକ୍ଷେପ କରି ସମାଧାନ ପାଇଁ ଖଜୁରୀପଡା ଓ ଟିକାବାଲି ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ । ଟିକାବାଲି ଥାନା ପକ୍ଷରୁ ସମାଧାନ ପାଇଁ ସମୟ ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଗତବର୍ଷ ଅକ୍ଟୋବର ୨୭ରେ ବିପିନ ବିହାରୀ ସେଠି ଓ ବିକ୍ରମ ସିଂ ଦଳବେହେରା ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ୩ ମାସ ବିତିଯିବା ପରେ ମଧ୍ୟ ସେମାନେ ନିଜ ଦାୟିତ୍ୱରୁ ଓହରି ଯାଉଥିବା ଶ୍ରୀ ଦଳବେହେରା ଅଭିଯୋଗ କରିଛନ୍ତି । ସମ୍ପାଦକଙ୍କ କହିବା ଅନୁଯାୟୀ, ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ୧୮ ୬୦ ଅନୁସାରେ ପୂର୍ବ କମିଟି ବିଧିବଦ୍ଧ ଭାବେ ନୂତନ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରିବା କଥା । ମାତ୍ର ସମ୍ବିଧାନ ବିରୋଧରେ ଯାଇ ଅସାମ୍ବିଧାନିକ କମିଟି ଗଠନ କରାଯାଉଛି । ଯେପର୍ଯ୍ୟନ୍ତ ସମାଧାନକାରୀ ପୂର୍ଣ୍ଣକାଳୀନ ଦାୟିତ୍ୱ ଗ୍ରହଣ କରିନାହାନ୍ତି, ସେପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ବୈଠକ ବା ମହା ସମାଜକୁ ସ୍ଥଗିତ ରଖିବା ପାଇଁ ସେ ଦାବି କରିଛନ୍ତି । ସମାଜର ଶୃଙ୍ଖଳା ରକ୍ଷା ପାଇଁ ଏହି ସମସ୍ୟାର ତୁରନ୍ତ ସମାଧାନ ଜରୁରୀ ବୋଲି ସେ ମତ ପ୍ରକାଶ କରିଛନ୍ତି ।

**ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି**

# ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବାକୁ ପ୍ରାଥମିକତା

ଫୁଲବାଣୀ,୭।୩(ସମିସ): କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଶୁକ୍ରବାର ଦିନ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ପଞ୍ଚାୟତ ଭବନରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କୁଶଳ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଗ୍ରୀଷ୍ମ ପ୍ରବାହ ସମୟରେ ଜନସାଧାରଣଙ୍କ ଜୀବନ ରକ୍ଷା ଏବଂ ସମ୍ଭାବ୍ୟ ଅଂଶୁଘାତର ସଫଳ ମୁକାବିଲା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମ ଋତୁରେ ବିଶେଷ କରି ପାନୀୟ ଜଳର ସୁବିଧା, ସ୍ୱାସ୍ଥ୍ୟ ସେବାର ସଶକ୍ତିକରଣ ଏବଂ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉପରେ ଏହି କାର୍ଯ୍ୟଯୋଜନାରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲାର କୌଣସି ଅଞ୍ଚଳରେ ଯେପରି ଜଳକଷ୍ଟ ଅନୁଭୂତ ନହୁଏ, ସେଥିପାଇଁ ଜଳଯୋଗାଣ ବିଭାଗକୁ ପୂର୍ବ ପ୍ରସ୍ତୁତି ସାରିବାକୁ କୁହାଯାଇଛି । ଏଥିସହ ଯେକୌଣସି ଜରୁରୀ ପରିସ୍ଥିତିର ସାମ୍ନା କରିବା ପାଇଁ ଜିଲ୍ଲା ସ୍ତରୀୟ କଣ୍ଟ୍ରୋଲ ରୁମ୍‌କୁ ସକ୍ରିୟ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ




କୁଶଳ ଚନ୍ଦ୍ର ନାୟକ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜ କ୍ଷେତ୍ରରେ ସର୍ବଦା ସତର୍କ ରହିବାକୁ ପରାମର୍ଶ ଦେବା ସହ ସରକାରୀ ସୁବିଧାଗୁଡ଼ିକ ଯେପରି ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ପାଖରେ ସଠିକ୍ ଭାବେ ପହଞ୍ଚିବ, ତାହା ସୁନିଶ୍ଚିତ କରିବାକୁ କହିଛନ୍ତି ।

ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ କୁମାର ସାହୁ ଯୋଗଦେଇ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଏଥିସହ ସ୍ୱାସ୍ଥ୍ୟ, ଶିକ୍ଷା, ଜଳଯୋଗାଣ, ଶିଶୁ ଓ ପରିବାର କଲ୍ୟାଣ, ଶ୍ରମ, ନଗର ଉନ୍ନୟନ ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟପନ୍ଥା ଉପସ୍ଥାପନ କରିଥିଲେ । ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ ଓ ତହସିଲ ଅଧିକାରୀ ମଧ୍ୟ ଏହି ବୈଠକରେ ସାମିଲ ହୋଇ ଆଞ୍ଚଳିକ ସ୍ତରରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲ୍ଲା ଆପାତକାଳୀନ ଅଧିକାରୀ ଚିରଞ୍ଜୀବ ସାହୁ ପରିଚାଳନା କରିଥିଲେ ।

## ଓକିଲ ସଂଘ ନିର୍ବାଚନ ଲାଗି ନାମାଙ୍କନ

**ଦିଗପହଣ୍ଡି, ୭ ।୩(ସମିସ):** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର କାର୍ଯ୍ୟକର୍ତ୍ତା ନିର୍ବାଚନ ନିମନ୍ତେ ଶନିବାର ଠାରୁ ଆଶାୟୀ ପ୍ରାର୍ଥି ମାନେ ନିର୍ବାଚନ ଅଧିକାରୀ ଚନ୍ଦ୍ରଧ୍ୱଜ ସିଂହଙ୍କ ନିକଟରେ ସେମାନଙ୍କ ନାମାଙ୍କନ ଦାଖଲ କରିଛନ୍ତି । ନାମାଙ୍କନ ଦାଖଲର ପ୍ରଥମ ଦିବସରେ ସଭାପତି ପଦବୀ ନିମନ୍ତେ ରସାନନ୍ଦ ରାଉତ, ଏ.ସୋମେଶ୍ୱର ରାଓ, ସମ୍ପାଦକ ପଦବୀ ନିମନ୍ତେ କୁରେଶ୍ୱ ପଣ୍ଡା ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନାମାଙ୍କନ ଦାଖଲର ସମୟ ସୀମା ସୋମବାର ଅପରାହ୍ନ ୩ଟା ଯାଏଁ ରହିଛି । ଆସନ୍ତା ବୁଧବାର ସମସ୍ତ ପଦବୀ ନିମନ୍ତେ ନାମାଙ୍କନ ପତ୍ର ଯାଞ୍ଚ ହେବ । ଯୋଗ୍ୟ ପ୍ରାର୍ଥି ତାଲିକା ଗୁରୁବାର ପ୍ରକାଶିତ ହେବ । କୌଣସି ପ୍ରାର୍ଥି ଚାହିଁଲେ ଶୁକ୍ରବାର ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିପାରିବେ ।



ଚୂଡ଼ାନ୍ତ ପ୍ରାର୍ଥି ତାଲିକା ଆସନ୍ତା ଶନିବାର ପ୍ରକାଶ ପାଇବ । ଆସନ୍ତା ୨୮ ତାରିଖରେ ମତଦାନ ହେବ । ୪ଟା ପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ଚଳିତ ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶକ୍ରମେ ଓକିଲ ସଂଘ ନିର୍ବାଚନରେ ମହିଳା ଆଇନଜୀବୀଙ୍କ ପାଇଁ ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖାଯାଇଥିଲେ ମଧ ଖେମୁଣ୍ଡି ଓକିଲ ସଂଘର ବୈଧ ଭୋଟର ତାଲିକାରେ କୌଣସି ମହିଳା ଆଇନଜୀବୀଙ୍କ ନାଁ ନଥିବାରୁ କର୍ମକର୍ତ୍ତା ନିର୍ବାଚନ ସରିବା ପରେ ସଂଘର ପ୍ରଥମ ବୈଠକରେ କାର୍ଯ୍ୟକାରୀ କମିଟି ସଭ୍ୟ ଚୟନ ସମୟରେ ମହିଳା ସଂରକ୍ଷଣ ବ୍ୟବସ୍ଥା ଅନୁଯାୟୀ ମହିଳା ଆଇନଜୀବୀଙ୍କୁ କମିଟିରେ ସାମିଲ କରାଯିବ ବୋଲି ଜଣାପଡ଼ିଛି ।

# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ନିରୀକ୍ଷଣ କମିଟି ବୈଠକ

**ଛତ୍ରପୁର, ୭ ।୩(ସମିସ)**




ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ନିରୀକ୍ଷଣ କମିଟି (ଦିଶା) ବୈଠକ ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଦିଶା କମିଟିର ଅଧ୍ୟକ୍ଷା ତଥା ଆସିକା ସାଂସଦ ଅନୀତା ଶୁଭଦର୍ଶନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ସଭାପତି ଅଞ୍ଜଳି ସ୍ୱାଇଁ, ଉପସଭାପତି ଏସ. ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଅତିରିକ୍ତ ଜିଲ୍ଲାପାଳ ତଥା ଡୁଡା ପିଡି ସୁନୀଲ କୁମାର କେର୍କେଟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ସରପଞ୍ଚ ଓ କମିଟିର ସଦସ୍ୟଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଗଞ୍ଜାମ ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସଫଳତାର ସହ କାର୍ଯ୍ୟକାରୀ ହେଉଛି । ଗ୍ରାମୀଣ ବିକାଶ କ୍ଷେତ୍ରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧, ୩୮, ୫୦, ୦୦୦ ଶ୍ରମ ଦିବସ ଲକ୍ଷ୍ୟ ଧାର୍ଯ୍ୟ ମଧ୍ୟରୁ ୧, ୦୦, ୪୩, ୧୪୬ ଶ୍ରମ ଦିବସ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ଆବାସ ଅଧୀନରେ ମଞ୍ଜୁର ହୋଇଥିବା ୩୬, ୦୫୦ଟି ଘର ମଧ୍ୟରୁ ୩୨, ୨୧୨ଟି ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଏହା ସହିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ୧୧୧ଟି ପ୍ରକଳ୍ପ ମଧ୍ୟରୁ ୮୨ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇସାରିଛି ଏବଂ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ସମସ୍ତ ୧୩୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇସାରିଛି । କୃଷି ଓ କୃଷକ କଲ୍ୟାଣ ବିଭାଗ ଅଧୀନରେ ସଏଲ୍ ହେଲ୍‌ଥ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଅ।।, ପ୍ରଧାନମନ୍ତ୍ରୀ କିସାନ ଓ ଇ-ନାମ୍ ପରି ଯୋଜନା ମାଧ୍ୟମରେ କୃଷକମାନଙ୍କୁ ସହାୟତା ଯୋଗାଇ ଦିଆଯାଉଛି ।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୪ ଖରିଫ ରେ ୧, ୪୭, ୦୯୨ ଜଣ ଏବଂ ୨୦୨୪-୨୫ ରବି ଋତୁରେ ୪, ୦୯୨ ଜଣ ଚାଷୀ ଉପକୃତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ କିସାନ ଯୋଜନାରେ ୧, ୧୮୧ ଜଣ ହିତାଧିକାରୀ ଲାଭାନ୍ୱିତ ହୋଇଛନ୍ତି । ପଞ୍ଚାୟତିରାଜ ବିଭାଗ ଅଧୀନରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ଓ ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ଗ୍ରାମୀଣ ଭିତ୍ତିଭୂମି ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ଜଳ ଜୀବନ ମିଶନ ମାଧ୍ୟମରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଉଛି । ଶିକ୍ଷା କ୍ଷେତ୍ରରେ ସମଗ୍ର ଶିକ୍ଷା ଯୋଜନା ଅଧୀନରେ ମୋଟ ୨, ୨୦୬ଟି ଶ୍ରେଣୀଗୃହ ମଞ୍ଜୁର ହୋଇଥିବା ବେଳେ ୨, ୦୪୮ଟି ସମ୍ପୂର୍ଣ୍ଣ ହୋଇଛି ଓ ୧୫୮ଟି କାମ ଚାଲୁରହିଛି । ୧, ୧୯୪ଟି ମଞ୍ଜୁର ବାଳିକା ଶୌଚାଳୟ ମଧ୍ୟରୁ ୧, ୧୬୯ଟି ସମ୍ପୂର୍ଣ୍ଣ ଓ ୨୫ଟି କାର୍ଯ୍ୟ ଚାଲୁ ରହିଛି । ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ମାଧ୍ୟମରେ ଗଞ୍ଜାମ ଜିଲ୍ଲାର ୩, ୮୦୧ଟି ବିଦ୍ୟାଳୟର ୩, ୭୯, ୦୫୮ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି । ଡିଜିଟାଲ୍ ଇଣ୍ଡିଆ ଅଧୀନରେ ଗଞ୍ଜାମ ଜିଲ୍ଲାର ୫୦୩ଟି ଗ୍ରାମ ପଞ୍ଚାୟତରେ ୫୦୩ଟି ଜନସେବା କେନ୍ଦ୍ର କାର୍ଯ୍ୟରତ ଅଛି । ମୋଟାମୋଟି ଭାବେ କହିବାକୁ ଗଲେ, ଗଞ୍ଜାମ ଜିଲ୍ଲାରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକରିତା ମାଧ୍ୟମରେ ଗ୍ରାମୀଣ ଓ ସହରାଞ୍ଚଳର ଉନ୍ନତି ସହ ଲୋକମାନଙ୍କ ଜୀବନମାନରେ ଉନ୍ନତି ଅଣାଯାଇପାରିଛି । ଗଞ୍ଜାମ ଜିଲ୍ଲାପାଳ ସ୍ୱାଗତଭାଷଣ ପ୍ରଦାନ କରିବା ସହିତ ଜିଲ୍ଲାରେ ଚାଲିଥିବା ଉନ୍ନୟନ କାମ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ସଂଯୋଜନା କରିଥିଲେ ।

## ଜଙ୍ଗଲ ନିଆଁ ପ୍ରଶମନ ସଚେତନତା

**ଜଗନ୍ନାଥପ୍ରସାଦ, ୭ ।୩(ସମିସ):** ଜଗନ୍ନାଥପ୍ରସାଦ ବନାଞ୍ଚଳ ପକ୍ଷରୁ ଶନିବାର ଜଙ୍ଗଲ ନିଆଁ ପ୍ରଶମନ ଓ ପରିଚାଳନା ସଚେତନତା ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତାରାଣୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନଖଣ୍ଡ ଅଧିକାରୀ ଭଞ୍ଜନଗର ହିମାଂଶୁ ଶେଖର ମହାନ୍ତି ଯୋଗ ଦେଇ କେବଳ ସଚେତନତା ମାଧ୍ୟମରେ ଜଙ୍ଗଲ ନିଆଁକୁ ରୋକାଯାଇ ପାରିବ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ନୀଳାଞ୍ଚଳ ଖିଲାର, ମହେନ୍ଦ୍ର କୁମାର ପଣ୍ଡା, ସମିତି ମେମ୍ବର ଯୁଧିଷ୍ଠିର ସେଠୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ, ତେନ୍ତୁଳିଆ ଦେବସ୍ଥାନ କଲେଜ ଅଧ୍ୟକ୍ଷ ବିଡ଼ିପୁର ବଦ୍ରୀନାଥ ପାତ୍ର, ଅଧ୍ୟାପକ ଦୀପକ ସାହୁ, ଦମକଳ ବିଭାଗ ଅଧିକାରୀ ଦିଲ୍ଲୀପ ସାହୁ, ଶିକ୍ଷାବିତ ଡ଼ଃ.ଅନନ୍ଦା ତ୍ରିପାଠୀ, ଶିକ୍ଷକ ତରଣୀସେନ ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ କଲ୍ୟାଣୀ ମଣ୍ଡପ ଠାରେ ଏକ ସାଧାରଣ ସଭା ଆୟୋଜିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବନପାଳ ସୁକାନ୍ତ ନାୟକ, ମିତା ପୋଲେଇ, ଜିତେନ୍ଦ୍ର ମଲ୍ଲିକ, ବନରକ୍ଷୀ ଚେନ୍ଦ୍ରଶେଖର ପାଣିଗ୍ରାହୀ, ଡମ୍ବୁରୁ ନାୟକ, ପ୍ରଭାସିନୀ ଗୌଡ଼, ତୁଷାର ମଲିକ, ମିନତୀ ଗୌଡ଼, ଯମୁନା ସେଠୀ, କ୍ଷେତ୍ରବାସୀ ମାହାଙ୍କୁଡ, ବାସୁଦେବ ସେଠୀ, ଶ୍ରୀମନ ପ୍ରଧାନ, ପ୍ରିୟଙ୍କା ପାଳ ଏବଂ ଓଏଫଏସଡିଟିର ସମସ୍ତ ମେମ୍ବର ସହଯୋଗ କରିଥିଲେ ।

## ସମାଜସେବୀ ଶଙ୍କର୍ଷଣଙ୍କ ସ୍ମୃତିସଭା

**ଭଞ୍ଜନଗର, ୭ ।୩(ସମିସ):** ବାଉଁଶଲୁଣ୍ଡି ମନ୍ଦିର ପରିଚାଳନା କମିଟି ଓ ପାଠାଗାରର ସଭ୍ୟ ତଥା ବିନାୟକ ୟୁଥ କ୍ଲବ ଓ ନଦିଆ ସଂଘର ଉପଦେଷ୍ଟା ସ୍ୱର୍ଗତ ଶଙ୍କର୍ଷଣ ପ୍ରଧାନଙ୍କ ବିୟୋଗରେ ସ୍ମୃତିସଭା ବଡ଼ଦାଣ୍ଡରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶଙ୍କର୍ଷଣ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା । ଶିକ୍ଷୟିତ୍ରୀ ସଙ୍ଗୀତା ପଣ୍ଡା ଓ ସଙ୍ଗୀତ ଗୁରୁ ଅଶୋକ କୁମାର ମହାପାତ୍ରଙ୍କ ଦ୍ୱାରା ସ୍ମୃତିସଙ୍ଗୀତ ପରିବେଷଣ କରାଯାଇଥିଲା । କବି ପ୍ରଶାନ୍ତ ମହାନ୍ତି, ଆନନ୍ଦ ସଙ୍ଗୀତାନୁଷ୍ଠାନର ଗୁରୁ ଅଶୋକ କୁମାର ମହାପାତ୍ର, କୂର୍ମିକୁଳ ପ୍ରଦେଶ କମିଟି ସମ୍ପାଦକ ବିଶ୍ୱନାଥ ରାଉତ, ପ୍ରାକ୍ତନ ଅଧ୍ୟକ୍ଷ ଡଃ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଭଞ୍ଜନଗର ବାର ଆସୋସିଏସନ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ଭଞ୍ଜନଗର ପଞ୍ଚାୟତ ସମିତି ପୂର୍ବତନ ଚେୟାରମ୍ୟାନ୍ ଭବାନୀ ଶଙ୍କର ପ୍ରଧାନ, ବାଉଁଶଲୁଣ୍ଡି ଗ୍ରାମ ପଞ୍ଚାୟତ ସରପଞ୍ଚ ଉଦ୍ଧବ ଚରଣ ମିଶ୍ର, କୂର୍ମିକ୍ଷତ୍ରିୟ ସମ୍ପାଦକ ବୈଦ୍ୟନାଥ ପ୍ରଧାନ, ବରିଷ୍ଠ ଆଇନଜୀବୀ ବୈଦ୍ୟନାଥ ସାହୁ ମଞ୍ଚାସୀନ ହୋଇ ସ୍ୱର୍ଗତ ବ୍ୟକ୍ତିତ୍ୱ ଶଙ୍କର୍ଷଣ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ । ସଭାରେ ଭଞ୍ଜନଗର ଓକିଲ ସଂଘର ପୂର୍ବତନ ସଭାପତି ଅଭିମନ୍ୟୁ ଗୌଡ଼, ବିନାୟକ ୟୁଥ୍ କ୍ଲବ୍ ସଭାପତି ବିକାଶ ପ୍ରଧାନ, ଶିକ୍ଷକ ସନ୍ତୋଷ କୁମାର ବେହେରା, ଉମାଚରଣ ମିଶ୍ର, ବେଲଗୁଣ୍ଠା ବ୍ଲକ କୃଷକ ସଭା ସମ୍ପାଦକ ଦୀନବନ୍ଧୁ ଜେନା, ନେତାଜୀ ବିଷୋୟୀ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ କର୍ମଚାରୀ ଅନିଲ କୁମାର ନାୟକ ଉପସ୍ଥିତ ଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମ ଚରଣ ପ୍ରଧାନ ସଂଯୋଜନା କରିଥିଲେ ।

## ବାଳକୃଷ୍ଣପୁର ୟୁପି ସ୍କୁଲର ବାର୍ଷିକ ଉତ୍ସବ

**କୁକୁଡ଼ାଖଣ୍ଡି, ୭ ।୩(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ବାଳକୃଷ୍ଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଶଶୀରେଖା ମଳିକଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଆ ସମିତି ସଭ୍ୟ କାହ୍ନୁ ଚରଣ ପାତ୍ର ମୁଖ୍ୟ ଅତିଥି, ଶିବରାମ ମହାଙ୍କୁଡ ମୁଖ୍ୟବକ୍ତା, କ୍ଲଷ୍ଟର ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକ ଓ ରବୀନ ପାତ୍ର, ଡଃ ରାମକୃଷ୍ଣ ସାହୁ ସମ୍ମାନୀତ ଅଥିତି ଭାବେ ଯୋଗ ଦେଇଥିଲେ । ଏନୟୁପିସ ଦକ୍ଷିଣପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏ. ପୁଷ୍ପଲତା, ବୁଦାଲୁଣ୍ଡି ପ୍ରଧାନ ଶିକ୍ଷୟିତ୍ରୀ ମହାଲକ୍ଷ୍ମୀ କର, ତଳକୁମ୍ଭଝରି ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ପାତ୍ର, ଆମ୍ବଗଡ଼ ବିଦ୍ୟାଳୟର ଲକ୍ଷ୍ମୀକାନ୍ତ ମହାପାତ୍ର ନିମନ୍ତ୍ରୀତ ଅତିଥି ଭାବେ ଯୋଗଦେଇ ଥିଲେ । ଶିକ୍ଷକ ଜି ଟୁନା ଦୋରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ । ପରିଚାଳନା କମିଟି ସହିତ ପଦ୍ମଲୋଚନ ଗୌଡ଼, ସୁଧାକର ସାହୁ, ଡି ମହେନ୍ଦ୍ର, ସୁକାନ୍ତ ମଲ୍ଲିକ, ଶୁଭମ୍ ପାଇକ, ନୀଳକଣ୍ଠ ଗୌଡ଼, ନାରାୟଣ ଦାସଙ୍କ ସହିତ ଶିକ୍ଷକ ମିଶ୍ର ମଲ୍ଲିକ ସହଯୋଗ କରିଥିଲେ । ଜୁଗୁଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ମଳିକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ମା' ତାରାତାରିଣୀଙ୍କ ଚୈତ୍ର ଯାତ୍ରା ପ୍ରସ୍ତୁତି



**ପୁରୁଷୋତ୍ତମପୁର, ୭ ।୩(ସମିସ):** ମା'ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଆସନ୍ତା ୧୦ତାରିଖରୁ ଆରମ୍ଭ ହେବ । ଯାତ୍ରା କିଭଳି ଶାନ୍ତିଶୃଙ୍ଖଳାରେ ଶେଷ ହେବ ସେନେଇ ଶୁକ୍ରବାର ସନ୍ଧ୍ୟାରେ ମା'ଙ୍କ ମନ୍ଦିର ଉପରଭାଗ ବେଢ଼ା ପରିସରରେ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଏଡିଏମ୍ ଡ. ପ୍ରମୋଦ କୁମାର ପୃଷ୍ଟି, ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ସ୍ଥାନୀୟ ତହସିଲଦାର ତଥା ମନ୍ଦିର ନିର୍ବାହୀ ଅଧିକାରୀ ବିନୋଦ କୁମାର ବେହେରା, ବିଡିଓ ଶରତ କୁମାର ପାତ୍ର, ଏନ୍ଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକାରୀ ପଶାନ୍ତ କୁମାର ଦାଶ, ପୁଲିସ ଉପଖଣ୍ଡ ଅଧିକାରୀ ସୁଜିତ କୁମାର ନାୟକ, ଥାନା ଅଧିକାରୀ କୁଳମଣି ସେଠୀ, ଅତିରିକ୍ତ ତହସିଲଦାର ଦେବାଶିଷ ମହାପାତ୍ର, ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ । ପାନୀୟ ଜଳ ଯୋଗାଣ, ଆଲୋକିକରଣ, ପରିମଳ ବ୍ୟବସ୍ଥା, ପରିବହନ, ଶାନ୍ତି ଶୃଙ୍ଖଳା, ଭକ୍ତଙ୍କ ସ୍ନାନ ଶୌଚ ଲାଗି ମନ୍ଦିର ଉପରେ ମୋବାଇଲ ଟଏଲେଟ୍, ମନ୍ଦିର ପାଦଦେଶରେ ଅସ୍ଥାୟୀ ଟଏଲେଟ୍ ନିର୍ମାଣ, ଶ୍ରଦ୍ଧାଳୁ ମାନେ କିଭଳି ମା'ଙ୍କର ଦର୍ଶନ କରିପାରିବେ ସେନେଇ ଭାବେ ଆଲୋଚନା ହୋଇଥିଲା । ଭକ୍ତଗଣ ପାହାଚ ଚଢ଼ିବା ରାସ୍ତା, ରୋପ ୱେ ରାସ୍ତା ଏବଂ ଘାଟି ରାସ୍ତାରେ ବସ୍ ଯୋଗେ ମନ୍ଦିର ନିକଟକୁ ଯାଇ ମା'ଙ୍କର ଦର୍ଶନ କରିପାରିବେ । ମନ୍ଦିର ଉପରକୁ କୌଣସି ଯାନବାହନ ଯିବ ନାହିଁ । ଯାତ୍ରୀମାନେ ନିଜର ଯାନ ବାହାନ ପାର୍କିଂ ସ୍ଥଳରେ ରଖି ପାହାଡ଼ ତଳେ ପ୍ରଶାସନ ପକ୍ଷରୁ ନିୟୋଜିତ ବସ୍ ସେବା ଦ୍ୱାରା ପାହାଡ଼ ଉପରକୁ ଯାଇ ମା'ଙ୍କ ଦର୍ଶନ କରିପାରିବେ । ସବୁଦିନ ପରି ଚୈତ୍ର ପାଳିରେ ମଧ ପାହାଡ଼ ଉପରୁ ୩୦ ଟଙ୍କାରେ ମା'ଙ୍କ ଦର୍ଶନ ଲାଗି ଯାଇପାରିବେ । ପାନୀୟଜଳ, ପାର୍କିଂ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ଯାତ୍ରାକୁ ଶାନ୍ତି ଶୃଙ୍ଖଳା ନେଇ ମନ୍ଦିର ପରିସରରେ ମାଦକ ଦ୍ରବ୍ୟ ବନ୍ଦ କରାଯିବ । ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଗଞ୍ଜାମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଗଞ୍ଜାମ/ରମ୍ଭା, ୭ ।୩(ସମିସ):** ଗଞ୍ଜାମ ସହର ସ୍ଥିତ ଯଶୋଦା ଡିଗ୍ରୀ ମହିଳା ମହାବିଦ୍ୟାଳୟ ଠାରେ ଗଞ୍ଜାମ ପ୍ରେସ କ୍ଲବ ଓ ଗ୍ରାସୀମ କମ୍ପାନୀ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଗ୍ରାସୀମ କମ୍ପାନୀ ୟୁନିଟ ହେଡ୍ ଅଜୟ ଗୁପ୍ତା, ଜନ ସମ୍ପର୍କ ଅଧିକାରୀ ସୁସ୍ମିତା ବେହେରା, ପୁରସ୍ତମ ମୁଦୁଲି ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ । ଶିବିରରେ ୩୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସ୍ଥାନୀୟ ଛତ୍ରପୁର ୮ମ ବାଟାଲିୟନ ଦୁର୍ଗପତି ସାରଦା ପ୍ରସାଦ ଦାସ, ସହକାରୀ ଦୁର୍ଗପତି ବିଶ୍ୱଜିତ ବିଶ୍ୱାଳ




ହାବିଲଦାର ସିପାହୀ ଶାଖା ସଙ୍ଘ ସଭାପତି ଯଶୋବନ୍ତ ସ୍ୱାଇଁ, ଛତ୍ରପୁର ପ୍ରେସ କ୍ଲବ ସଭାପତି ସରୋଜ ସାମଲ, ଓଡ଼ିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ମହାରଣା, ରାଧାଶ୍ୟାମ ଫାଉଣ୍ଡେସନ ମୁଖ୍ୟ ଦେବାଶିଷ ମିଶ୍ର, ଗଞ୍ଜାମ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ, ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର, ସମାଜସେବୀ ସିଏଚ ବୈରାଗି ରେଡି, ସମିତିସଭ୍ୟ ଧ୍ରୁବ ଚରଣ ପଲାଇ, ଆଇନଜୀବୀ ଛାୟାକାନ୍ତ ପ୍ରଧାନ, ମହାବିଦ୍ୟାଳୟ ମୁଖ୍ୟ ପରିଚାଳକ ମଙ୍ଗରାଜ ପଣ୍ଡା, ଅଧ୍ୟକ୍ଷା ସୁନିତା ରାଉତ ରାୟ, ଅଧ୍ୟାପକ ଆକାଶ ସାହୁ, ଅଧ୍ୟାପକ ଦୁର୍ଗା ଚରଣ ଦାଶ, ସମାଜସେବୀ ନିରାକାର ମହାରଣା ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସାମ୍ବାଦିକଙ୍କ ଏପରି ଜନ କଲ୍ୟାଣ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ସଭାପତି ଶବର କୁମାର ତରାଇ, ସମ୍ପାଦକ ବିଦ୍ୟାଧାର ସାହୁ, ଉପଦେଷ୍ଟା ଉମାକାନ୍ତ ବେହେରା, ମୁରଲୀ ପ୍ରଧାନ, ବିଜୟଲକ୍ଷ୍ମୀ ମହାଙ୍କୁଡ଼, ପ୍ରଦୀପ ପଣ୍ଡା, ବଟକୃଷ୍ଣ ରାଉଳ, ନିରଞ୍ଜନ ପରିଡ଼ା, ସୁଧିର କୁମାର ପାଢ଼ୀ, ରାକେଶ ରଞ୍ଜନ ଦାସ, ନୀଳାଞ୍ଚଳ ସେନାପତି, ରାକେଶ କୁମାର ନାୟକ, ପ୍ରକାଶ ପଲାଇ, ମୁରଲୀ ପ୍ରଧାନ, ମନୋଜ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ସାମ୍ବାଦିକଙ୍କ ସହ ସ୍ୱେଚ୍ଛାସେବୀ ଏଲେୟା ରେଡି, ସୁନିଲ ବେହେରା ଓ ଗଞ୍ଜାମ ମହାବିଦ୍ୟାଳୟ ଏନସିସି କ୍ୟାଡେଟ ମାନେ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ । ବ୍ରହ୍ମପୁର ରକ୍ତଭଣ୍ଡାର କର୍ମକର୍ତ୍ତାର ଏକ ଟିମ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ ।

## ଗୋଚାଲାଣ ବେଳେ ଗାଡ଼ି ଜବତ

**ଆସିକା, ୭ ।୩(ସମିସ):** ପିକଅପ୍ ଭ୍ୟାନରେ ଗୋଚାଲାଣ ବେଳେ ଅଟକାଇଲେ ପାଣ୍ଡିଆପଥର ଗୋସେବକ ଦଳର ସଦସ୍ୟ । ଶୁକ୍ରବାର ବିଳମ୍ବିତ ରାତିରେ ପାଣ୍ଡିଆପଥର ପଞ୍ଚୟତ ଅନ୍ତର୍ଗତ ବଜ୍ରକୋଟ ଗ୍ରାମ ନିକଟରେ ଏକ ପିକଅପ୍ ଭ୍ୟାନ୍‌ରେ ଗାଈ ଲୋଡ଼ କରାଯାଉଥିବା କିଛି ଲୋକ ଦେଖି ଗୋସେବକ ସଂଘକୁ ଖବର ଦେଇଥିଲେ । ସେମାନେ ପହଁଚି ଦୁଇଟି ଗାଈକୁ ଗାଡିରୁ ଓ ଅନ୍ୟ ଦୁଇଟି ଗାଈକୁ ଗାଡ଼ିରେ ଲୋଡ଼ ପାଇଁ ରଖା ଯାଇଥିବାବେଳେ ଉଦ୍ଧାର କରି ଗାଡି ସହ ପୁଲିସ ଜିମା ଦେଇଛନ୍ତି । ଘଟଣାସ୍ଥଳରେ କୋଟିନଡା ପୁଲିସ ପହଁଚି ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ କରୁଛି ।

## ସମୁଦ୍ର ଜଳଜୀବ ସୁରକ୍ଷା ସଚେତନତା



**ଗଞ୍ଜାମ, ୭ ।୩(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଧ ଗ୍ରାମରେ ସାମୁଦ୍ରିକ ଜଳଜୀବ ମାନଙ୍କ ସୁରକ୍ଷା ନେଇ ଏକ ସଚେତନତା ଅନୁଷ୍ଠିତ ହୋଇଯାଇଛି । ଡିଏଫଓ ସନି ଖୋଖୋରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ସମୁଦ୍ର ମଧ୍ୟରେ ଦେଖାଯାଉଥିବା ବିରଳ ପ୍ରଜାତିର ଅଲିଭ ରିଡଲେ ସାମୁଦ୍ରିକ କଇଁଛ ଓ ଡଲଫିନଙ୍କ କିପରି ସୁରକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଏସିଏଫ ସସ୍ମିତା ବିଶ୍ୱାଳ, ଦିବ୍ୟଶଙ୍କର ବେହେରା, ସାମୁଦ୍ରିକ ବିଜ୍ଞାନ ବିଭାଗ ସଦସ୍ୟ ସୁଚିସ୍ମିତା ଶ୍ରୀଚନ୍ଦନ, ଅଧ୍ୟାପକ ମହେନ୍ଦ୍ର ସେଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶେଷକରି ସାମୁଦ୍ରିକ ଜଳଜୀବ ଅଲିଭ ଲିଡଲେଙ୍କ ସୁରକ୍ଷିତ ଗଣ ଅଣ୍ଡାଦାନ ଓ ବେବି ଅଲିଭ ରିଡଲେଙ୍କ ସୁରକ୍ଷା ନେଇ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କଲେଜ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ବନ ବିଭାଗ କର୍ମଚାରୀ ସହଯୋଗ କରିଥିଲେ ।

● ସରକାରୀ ଯୋଜନା ଅପହଞ୍ଚ

## ଆବାସରୁ ବଞ୍ଚିତ ନିଶୁଣି ବିକାଳି ରୁଷିଆ

**ଧରାକୋଟ, ୭ ।୩(ସମିସ):** ଧରାକୋଟ ବ୍ଲକର ବରଡ଼ାବିଲି ପଞ୍ଚାୟତର ହରିପୁର ଗାଁର ବଳିଆ ନାୟକ ଓ ଖଲି ନାୟକଙ୍କ ପୁଅ ରୁଷିଆ ନାୟକ(୩୮) । ବାପା ମା'ଙ୍କୁ ହରାଇବା ପରେ ୧୪ ବର୍ଷ ବୟସରେ ନିଶୁଣି ତିଆରି କରି ବିକିବା ଆରମ୍ଭ କରିଥିଲେ ରୁଷିଆ । ପରିବାର କହିଲେ ସ୍ତ୍ରୀ ପୁଷ୍ପାଞ୍ଜଳି ଓ ଝିଅ ଦୀପା । ନିଶୁଣି ତିଆରି କରି ଯାହା ରୋଜଗାର ହୁଏ ଦୁଃଖେ କଷ୍ଟେ ପରିବାର ଚଳୁଥିଲେ ମଧ ଭଲ ଛାତ ଘରଟିଏ ସେ କରିପାରିନାହାନ୍ତି । ଦିନର ସୂର୍ଯ୍ୟ କିରଣ ଓ ରାତିର ଚନ୍ଦ୍ର କିରଣ ଏବେ ତାଙ୍କର ସହଚର ପାଲଟିଛି । ଏଥିରୁ ରକ୍ଷା ପାଇବାକୁ କାନ୍ଥ ଉପରେ କଳା ଜରିପାଲ ଢାଙ୍କିଛନ୍ତି । ମାତ୍ର ଏଥିପ୍ରତିପ୍ରଶାସନିକ ବଡ଼ପଣ୍ଡା କିମ୍ବା ଜନପ୍ରତିନିଧି କୃପାଦୃଷ୍ଟି ପଡୁନାହିଁ । ସରକାର ଏଭଳି ଲୋକଙ୍କ ପାଇଁ ଆବାସ ଯୋଜନା ପ୍ରଣୟନ କରିଥିବାବେଳେ ରୁଷିଆ କାହିଁକି ବଞ୍ଚିତ ତାହା ଜଣାପଡୁନାହିଁ ।



ରୁଡିଆ ଗାଁ ନିକଟସ୍ଥ କସେଇ ବଣ ଓ ଗୋଛା ବଣରୁ ବାଉଁଶ ସଂଗ୍ରହ କରି ନିଶୁଣି ତିଆରି କରୁଥିବାବେଳେ ସ୍ତ୍ରୀ ଦିନ ମଜୁରିଆ । ଝିଅ ଦୀପା ଷଷ୍ଠ ଶ୍ରେଣୀରେ ନିକଟସ୍ଥ ବିଦ୍ୟାଳୟରେ ପଢୁଛି । ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ରୁଷିଆ ସରକାରୀ ବାବୁ ଏବଂ ନିର୍ବାଚିତ ପ୍ରତିନିଧି ଦୁଇ, ତିନି ଜଣ ସରପଞ୍ଚଙ୍କ ପାଖକୁ ଦୌଡ଼ିଛି । ଜଣେ ନୁହେଁ ତିନିଟି ସମୟର ସରପଞ୍ଚ ସମସ୍ତେ ପ୍ରତିଶ୍ରୁତି ଦେଉଛନ୍ତି ଆବାସ ଯୋଜନାରେ ଘର ମିଳିବ । ହେଲେ ସବୁ ପ୍ରତିଶ୍ରୁତି ତାଙ୍କ ପାଇଁ ପ୍ରତାରଣା ପାଲଟିଛି ।

ଏ ସମ୍ପର୍କରେ ରୁଷିଆର କହିବା କଥା ହେଲା ସମସ୍ତଙ୍କ ପାଖରେ ଘରଟିଏ ପାଇଁ ନେହୁରା ହେଉଛି ହେଲେ ହାତଗୁଞ୍ଜା ନଦେଲେ ଘର ମିଳିବାର ସମ୍ଭାବନା ନାହିଁ । ଘଟଣାକୁ ନେଇ ବରଡାବିଲି ସରପଞ୍ଚଙ୍କ ସହ ଯୋଗାଯୋଗ ବେଳେ ଆବାସ ଯୋଜନାରେ ଘର ପାଇବା ପାଇଁ ରୁଷିଆର ନାମ ଅନ୍‌ଲାଇନରେ ପଞ୍ଜୀକରଣ କରାଯାଇଅଛି । ଠିକ ସମୟରେ ନିଶ୍ଚିତ ଭାବରେ ସେ ପାଇବ ବୋଲି ପ୍ରକାଶ କରିଛନ୍ତି ।

ପ୍ରଶାସନିକ ଅବହେଳା ନା ରାଜନୈତିକ ଚାପ

# ୧୭ ମାସ ହେଲା ହୋଇନି ସମିତି ବୈଠକ

**ସାନଖେମୁଣ୍ଡି, ୭ ।୩(ସମିସ)**

ସାନଖେମୁଣ୍ଡି ବ୍ଲକରେ ଦୀର୍ଘ ୧୭ ମାସରୁ ଊର୍ଦ୍ଧ୍ୱ ହେବ ହୋଇନାହିଁ ସମିତି ବୈଠକ । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ ମାସ ପରେ ଗୋଟିଏ ଥର ସମିତି ବୈଠକ ହୋଇଥିବା ବେଳେ ସମିତି ସଭ୍ୟଙ୍କ ମନରେ ଅସନ୍ତୋଷ ଓ ଇସ୍ତଫା ପ୍ରଦାନ କରିବା ନେଇ ଦାବି ହେବା ପରେ ୨୦୨୪ ଅକ୍ଟୋବର ମାସ ୮ ତାରିଖରେ ପୁଣି ଥରେ ସମିତି ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି । ଏହା ଭିତରେ ଦୁଇ ଜଣ ବିଡିଓ କାର୍ଯ୍ୟ କଲେଣି । ସରକାରୀ ନିୟମ ଅନୁଯାୟୀ ପ୍ରତି ୩ ମାସରେ ଥରେ ପଞ୍ଚାୟତ ସମିତି ବୈଠକ ବସିବା କଥା । କିନ୍ତୁ ସମିତି ବୈଠକ କରିବାକୁ କାହିଁକି କୁଣ୍ଠା ହେଉଛନ୍ତି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଆଜକୁ ପ୍ରାୟ ୧୭ ମାସ ହେଲା ସମିତି ବୈଠକ ବସିପାରୁନାହିଁ । ଫଳରେ ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇପାରୁନାହିଁ କି ଲୋକମାନଙ୍କ ସମସ୍ୟା ସମାଧାନ ହେଉନାହିଁ ।

ଏହାସହ ସରପଞ୍ଚଙ୍କୁ ବେଶ୍ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ସମିତିସଭ୍ୟ/ସଭ୍ୟା ମାନଙ୍କୁ ଅଣଦେଖା କରାଯାଉଥିବା କିଛି ସମିତିସଭ୍ୟ/ସଭ୍ୟା ଅଭିଯୋଗ କରିଛନ୍ତି । ସେମାନଙ୍କୁ କୌଣସି କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉନଥିବା ବେଳେ ସେମାନେ ଅଧିକାରୀଙ୍କୁ ଅଭିଯୋଗ କରିବାକୁ ମଧ ପଛଘୁଞ୍ଚା ଦେଉଛନ୍ତି । ଏନେଇ ସାନଖେମୁଣ୍ଡି ବ୍ଲକର କିଛି ସମିତିସଭ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତେବେ କାହିଁକି ସମିତି ବୈଠକ ଅନୁଷ୍ଠିତ ହୋଇପାରୁନାହିଁ ନା କୌଣସି ରାଜନୈତିକ ଦଳ ପ୍ରଭାବରେ ସମିତି ବୈଠକ ବନ୍ଦ ରହିଛି ଏଭଳି ନାନା ପ୍ରକାର ଆଲୋଚନା କରୁଛନ୍ତି କିଛି ସମିତି ସଭ୍ୟ । ଏନେଇ ବ୍ଲକ ଅଧ୍ୟକ୍ଷଙ୍କୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇପାରିନାହିଁ ।

## ଦଶେଇପୁର ଯାତ୍ରୀ ବିଶ୍ରାମାଗାର ବିପଦସଂକୁଳ

**ସାନଖେମୁଣ୍ଡି, ୭ ।୩(ସମିସ):** ଗଞ୍ଜାମ-ଗଜପତି ମୁଖ୍ୟ ରାସ୍ତା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ଦଶେଇପୁର ଛକ ନିକଟରେ ଥିବା ଯାତ୍ରୀ ବିଶ୍ରାମାଗାର ଶୋଚନୀୟ ହୋଇପଡ଼ିଛି । ଜାତୀୟ ରାଜପଥ ନଂ.୩୨୬ ପାର୍ଶ୍ୱରେ ଉକ୍ତ ବିଶ୍ରାମାଗାର ରହିଥିବା ବେଳେ ଏହା ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୧୫ ଖଣ୍ଡ ଗ୍ରାମର ଲୋକେ ନିର୍ଭର କରନ୍ତି । ଏହି ଛକରୁ ବିଭିନ୍ନ ଗ୍ରାମକୁ ଯିବାକୁ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରିଥାନ୍ତି । ଉକ୍ତ ଛକ ଦେଇ ସାନଖେମୁଣ୍ଡିର ପ୍ରସିଦ୍ଧ ବେହେରା ପାତ୍ରଙ୍କ ମନ୍ଦିରକୁ ପ୍ରତ୍ୟେକ ଦିନ ଶତାଧିକ ଭକ୍ତ ଯିବା ଆସିବା କରୁଥିବା ବେଳେ ମଧ ଉକ୍ତ ବିଶ୍ରାମାଗାରରେ ବସ୍‌କୁ ଅପେକ୍ଷା ନକରି ଖରା ଏବଂ ଗଛ ଛାଇରେ ବସ୍‌କୁ ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି । ଦୀର୍ଘଦିନ ପୂର୍ବରୁ ନିର୍ମିତ ଏହି ବିଶ୍ରାମାଗାର ସମ୍ପ୍ରତି ଶୋଚନୀୟ ସ୍ଥିତିରେ ପହଞ୍ଚିଛି । ଏହାର ଛାତ ଦୁର୍ବଳ ହୋଇ ଯିବାରୁ ତଳ ପଟରୁ ପାଣି ଗଳି ସିମେଣ୍ଟ ଖଣ୍ଡ ଖସୁଛି । ଏହା କେଉଁ ମୁହୂର୍ତ୍ତରେ ଭୁଶୁଡ଼ିବ କହି ହେବନାହିଁ । ଫଳରେ ଧନଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଏଣୁ ବ୍ଲକ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



